# ପ୍ରେରଣା

ଅପ୍ରେଲ, ୨୦୨୦ ସଂସ୍କରଣ



ପ୍ରତିଷ୍ଠାତା

ଲଳିତକବି ଧ୍ରୁବ ଚରଣ ସ୍ବାଇଁ

# ପ୍ରେରଣା

## ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

■ ଅପ୍ରେଲ, ୨୦୨୦ ସଂସ୍କରଣ

**ପ୍ରତିଷ୍ଠାତା**

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

**ଆମସହ ଯୋଗାଯୋଗ**

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଜହ୍ନିତଇଳା, ବାରଦା, ଢେଙ୍କାନାଳ

ଇମେଲ୍-editor@preranaodia.com,ଦୂରଭାଷ - 8908279130

# ଛବିଟିଏ ପାଇଁ ପଦଟିଏ

The image speaks

ଏକ ଛବିର ସୀମିତ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତାତ୍ମକ ଭାବ ଦ୍ୱାରା ନୂତନ ସାହିତ୍ୟର ସୃଷ୍ଟି ତଥା ପ୍ରିୟ ଲେଖକ/ଲେଖିକା ମାନଙ୍କ ମନରେ ଓଡିଆ ସାହିତ୍ୟ ପ୍ରତି ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ "ଛବିଟିଏ ପାଇଁ ପଦଟିଏ" ଏକ କ୍ଷୁଦ୍ର ପ୍ରଚେଷ୍ଟା ।

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ଅପ୍ରେଲ - ୨୦୨୦ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ଅପ୍ରେଲ - ୨୦୨୦ ସଂସ୍କରଣର ବିଜେତା କବିୟତ୍ରୀ ମଧୁସ୍ମିତା ସ୍ୱାଇଁଙ୍କୁ ଅଭିନନ୍ଦନ । ତାଙ୍କ କଲମରୁ...

ବେଳହୁଁ ବୁଝ ହେ ବନ୍ଧୁ ପରିଜନ
କରୋନା ବୁଲୁଛି ଏ ଗହନ ବନ ।
ବିସ୍ତାରୁଛି କାୟା ସେ ଦିନକୁ ଦିନ
ବିଶ୍ୱବାସୀ ସର୍ବେ ହୁଅ ସାବଧାନ ।
ଘରେ ରହିଣ କାର୍ଯ୍ୟ କର ବହନ
ଅମାନ୍ୟ ହେଲେ ମହୀ ହୋଇବ ଶୂନ୍ୟ ।



ମଧୁସ୍ମିତା ସ୍ୱାଇଁ

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

"ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।"

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**- ସମ୍ପାଦକ**

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ ଓ ଶ୍ରୀ ହୃଦୟାନନ୍ଦ ପଧାନ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି, ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

। ଇତି ।

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ପଦ୍ୟ ଏବଂ ଗୋଟିଏ ଗଦ୍ୟ ) ଲେଖା ପଠାଇ ପାରିବେ ।

- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନ କରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।

- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।

- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

• ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ । ତେଣୁ ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

# ✍ ସମ୍ପାଦକୀୟ...



ଦେବୀ ପ୍ରସାଦ ସ୍ୱାଇଁ




ଆଧୁନିକ ଯୁଗରେ ବୈଷୟିକ ଜ୍ଞାନର ବିକାଶ ଓ ପ୍ରତିଯୋଗିତାତ୍ମକ ବ୍ୟବସାୟର ଫଳ ସ୍ୱରୂପ ଇଣ୍ଟରନେଟ୍ ଅତି ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇପାରୁଛି । ବର୍ତ୍ତମାନ ୪ଜି ଓ ୫ଜି ଭଳି ଉନ୍ନତ ଟେକ୍ନୋଲୋଜିର ବ୍ୟବହାର ଏହାର ବେଗକୁ ଅଧିକ କ୍ଷିପ୍ର କରିପାରିଛି । ଏହାସହ ସୋସିଆଲ ନେଟୱର୍କିଙ୍ଗ୍ ୱେବସାଇଟ୍ ମାନଙ୍କର ବହୁଳ ବ୍ୟବହାର ସତେଯେମିତି ସମଗ୍ର ପୃଥିବୀକୁ ଏକ ବନ୍ଧନରେ ବାନ୍ଧି ରଖିଛି । ଗାଁ ଠାରୁ ସହର ପର୍ଯ୍ୟନ୍ତ ପ୍ରାୟ ସବୁ ବର୍ଗର ଲୋକ ଏହାକୁ ବ୍ୟବହାର କରି ଉପକୃତ ହୋଇପାରୁଛନ୍ତି ।

ସମୟକ୍ରମେ ଏହା ମନୁଷ୍ୟର ଅର୍ଥନୈତିକ ବିକାଶଧାରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାରେ ଲାଗିଛି । ବିଶେଷ କରି ଯୁବପିଢିମାନେ ଏହା ମାଧ୍ୟମରେ ଅର୍ଥ ଉପାର୍ଜନ କରିବାକୁ ଅଧିକ ପସନ୍ଦ କରୁଛନ୍ତି । ସାଧାରଣତଃ ଘରେ ବସି କମ୍ପୁଟର ସାହାଯ୍ୟରେ ଅର୍ଥ ଉପାର୍ଜନ ହୋଇପାରୁଥିବାରୁ ଏହାର ଲୋକପ୍ରିୟତା ବଢିବାରେ ଲାଗିଛି । ବର୍ତ୍ତମାନ ସମୟରେ ଇଣ୍ଟରନେଟ୍ ଦ୍ୱାରା ଅର୍ଥ ଉପାର୍ଜନର ଅନେକ ମାଧ୍ୟମ ଥିଲେ ମଧ୍ୟ ଗୁଗୁଲ୍ ଆଡସେନ୍ସ ତା'ର ସ୍ୱତନ୍ତ୍ରତା ବଜାୟ ରଖିପାରିଛି । ଏହା କିପରି କାର୍ଯ୍ୟ କରିଥାଏ ତାହା ଏଠି ଆଲୋଚ୍ୟର ବିଷୟ ।

ଇଣ୍ଟରନେଟ୍ ଦୁନିଆଁରେ ଗୁଗୁଲ୍ ଏକ ପରିଚିତ ନାମ । ଏହାର ସର୍ଚ୍ଚ ଇଞ୍ଜିନ ଯେତିକି ଲୋକପ୍ରିୟତା ହାସଲ କରିଛି, ତା'ର ସେବା ମଧ୍ୟ ସେତିକି ବିଶ୍ୱାସଯୋଗ୍ୟ ଅଟେ । ତେଣୁ ପ୍ରାୟ ସବୁ ସଂସ୍ଥା ଏହା ମାଧ୍ୟମରେ ନିଜର ଆଡ଼ଭାଟାଇଜ୍ କରିବାକୁ ପସନ୍ଦ କରିଥାନ୍ତି ।

ଏଥିରେ ଆଡ଼ଭାଟାଇଜ୍ ମୂଲ୍ୟ ପ୍ରିଣ୍ଟ ମିଡ଼ିଆ ଠାରୁ ଯଥେଷ୍ଟ ଶସ୍ତା ଓ ଅଧିକ ୟୁଜରଙ୍କ ନିକଟରେ ସହଜରେ ପହଁଚି ପାରୁଥିବାରୁ ଏହାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି । ପ୍ରଥମେ ଗୁଗୁଲ୍ ଆଡ଼ୱାର୍ଡସରେ ଆଡ଼ଭାଟାଇଜର ମାନଙ୍କୁ ରେଜିଷ୍ଟ୍ରେସନ କରିବାକୁ ପଡିଥାଏ । ଏହାପରେ ସେମାନେ ନିଜର ପ୍ଲାନ୍ ମୁତାବକ ଟଙ୍କା ଗୁଗୁଲକୁ ଦେବାକୁ ପଡିଥାଏ । ଏହି ଆଡ଼ଭାଟାଇଜକୁ ପବ୍ଲିଶର ନିଜର ବ୍ଲଗ୍, ୱେବସାଇଟ୍ କିମ୍ବା ୟୁଟ୍ୟୁବ୍ ଚାନେଲରେ ଦେବା ସହିତ କିଛି ଅର୍ଥ ଉପାର୍ଜନ କରିବା ପାଇଁ ଗୁଗୁଲ୍ ଆଡ଼ସେନ୍ସରେ ରେଜିଷ୍ଟ୍ରେସନ କରିଥାନ୍ତି । ଆଡ଼ଭାଟାଇଜରଙ୍କ ଠାରୁ ଆଣୁଥିବା ଅର୍ଥର ହାରାହାରି ୩୨ ପ୍ରତିଶତ ଅର୍ଥ ଗୁଗୁଲ୍ ନିଜେ ରଖିଥାଏ ବାକି ୬୮ ପ୍ରତିଶତ ଏହା ଆଡ଼ଭାଟାଇଜ୍ ଦେଖାଉଥିବା ପବ୍ଲିଶରଙ୍କୁ ଦେଇଥାଏ । ଯାହାକି ଜଣେ ବ୍ୟକ୍ତିକୁ ଇଣ୍ଟରନେଟ୍ ମାଧ୍ୟମରେ ଅର୍ଥ ଉପାର୍ଜନ କରିବାରେ ସାହାଯ୍ୟ କରିଥାଏ ।

ଯେତେବେଳେ ଗୁଗୁଲ୍ ଆଡ଼ସେନ୍ସର କଥାଉଠେ ସେତେବେଳେ ନିଜର ବ୍ଲଗ୍, ୱେବସାଇଟ୍ କିମ୍ବା ୟୁଟ୍ୟୁବ୍ ଚାନେଲଟିଏର ଆବଶ୍ୟକତା

ପଡିଥାଏ । ବର୍ତ୍ତମାନ ଟେକ୍ନୋଲୋଜି ସହିତ ୟୁଜର ଇଣ୍ଟରଫେସ୍ ଏତେ ସୁନ୍ଦର ଏବଂ ଆଡ଼ଭାନ୍ସ ହୋଇଗଲାଣି ଯେ, ମାତ୍ର କିଛି ସମୟ ମଧ୍ୟରେ ବ୍ଲଗ୍, ୱେବସାଇଟ୍ କିମ୍ବା ୟୁଟ୍ୟୁବ୍ ଚାନେଲଟିଏ ଖୋଲାଯାଇ ପାରିବ । ବ୍ଲଗ୍ ଖୋଲିବା ପାଇଁ ସାଧାରଣତଃ ଆମେ ଗୁଗୁଲ୍ ବ୍ଲଗସ୍ପଟ୍ କିମ୍ବା ୱାର୍ଡପ୍ରେସ୍ ଆଦିର ସାହାଯ୍ୟ ନେଇପାରିବା । ୱେବସାଇଟ୍ ପାଇଁ ଡୋମେନ୍ ଓ ହୋଷ୍ଟିଙ୍ଗର ଆବଶ୍ୟକତା ପଡିଥାଏ । ସେହିପରି ୟୁଟ୍ୟୁବ୍ ଚାନେଲଟିଏ ମୋବାଇଲରେ ମଧ୍ୟ ଖୋଲାଯାଇପାରିବ । ଏହାପରେ ଏହାକୁ ମନିଟାଇଜ୍ କରିବା ପାଇଁ ଗୁଗୁଲ୍ ଆଡ଼ସେନ୍ସରେ ରେଜିଷ୍ଟ୍ରେସନ କରିବାକୁ ପଡିଥାଏ । ବର୍ତ୍ତମାନ ଦେଖାଦେଇଥିବା କୋଭିଡ୍-୧୯ ଜନିତ ଲକଡାଉନ୍ ସମୟରେ ୱେବସାଇଟ୍, ବ୍ଲଗ୍ ତଥା ୟୁଟ୍ୟୁବ୍ ଚାନେଲ ଗୁଡିକୁ ଅଧିକ ୟୁଜର ଦେଖୁଥିବାରୁ ଏହି ବ୍ୟବସାୟୀ ମାନେ ଅଧିକ ଲାଭବାନ ହୋଇଥିବାର ଦେଖାଯାଏ । ତେଣୁ ଭବିଷ୍ୟତରେ ସ୍ୱାବଲମ୍ବୀ ଯୁବପିଢ଼ି ପାଇଁ, ଏହା ଯେ ଏକ ପ୍ରମୁଖ ରୋଜଗାରର ପନ୍ଥା ହୋଇପାରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

*****

ଧ୍ରୁବତାରା ପବ୍ଲିକେଶନର ପ୍ରଥମ ପୁସ୍ତକ "ସପ୍ତଶଯ୍ୟା"କୁ ଅର୍ଡର କରିବା ପାଇଁ ଏଠାରେ କ୍ଲିକ୍ କରନ୍ତୁ ।




ଧ୍ରୁବତାରା ପବ୍ଲିକେଶନସ୍

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | **ଅନ୍ତରଙ୍ଗ ଆଳାପ** | | ୨୦ |
| | **ପଦ୍ୟ ବିଭାଗ** | | |
| ୧. | ବିବେକ-ଜ୍ଞାନ | ଲଳିତକବି ଧ୍ରୁବ ଚରଣ ସ୍ୱାଇଁ | ୨୫ |
| ୨. | ବେଳ ଥାଉଁ ହେଜ ଭାଇ | ମୋନାଲିସା ବେହେରା | ୨୬ |
| ୩. | ଉଆଁସୀ କନ୍ୟା | କରିସ୍ମିତା କର | ୨୯ |
| ୪. | ରାତି ଯିବ ପାହି | ଅନାମ ଚରଣ ସାହୁ | ୩୨ |
| ୫. | ତୁମେ କାହାର | ତେଜସ୍ୱିନୀ ସାମଲ | ୩୪ |
| ୬. | ଏ କି ସାମାନ୍ୟ ଭୂତାଣୁ | ସସ୍ମିତ ସତ୍ୟପ୍ରକାଶ ମିଶ୍ର | ୩୭ |
| ୭. | ଆକର୍ଷଣ | ସୁନିତା ସାହୁ | ୩୯ |
| ୮. | ଏଇତ ଜୀବନ | ଅପରାଜିତା ସାହୁ | ୪୩ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୯. | ଅଦୃଶ୍ୟ ଭୂତାଣୁ | ରୋଜା ପଣ୍ଡା | ୪୫ |
| ୧୦. | ଅଭୁଲା କଥା | ପ୍ରଜ୍ଞା ପଦ୍ମିନୀ | ୪୯ |
| ୧୧. | ଆମ୍ବ ଓ ଶ୍ରୀ ଜଗନ୍ନାଥ | ଆଶିଷ କୁମାର ସ୍ୱାଇଁ | ୫୧ |
| ୧୨. | ସ୍ୱପ୍ନ ସରିଯାଏ ରାତି ହଜିଯାଏ | ଅମ୍ରିତେଶ ଖଟୁଆ | ୫୩ |
| ୧୩. | ମଣିଷର ସ୍ଥିତି ଓ ମତିଗତି | ନୂତନ କୁମାର ବେହେରା | ୫୯ |
| ୧୪. | ମୁଁ'ର ଅସ୍ତିତ୍ୱ | ତପସ୍ୱିନୀ ଦାଶ ଷଡଙ୍ଗୀ | ୬୪ |
| ୧୫. | ଫୁଲ ଓ ମୁଁ | ଦମୟନ୍ତୀ କିଶାନ | ୬୬ |
| ୧୬. | ସଂପର୍କ ସୌଧ | ସଦାଶିବ ନାୟକ | ୬୮ |
| ୧୭. | ବୈଶାଖୀ | ପୁଷ୍ପଲତା ସାହୁ | ୭୦ |
| ୧୮. | ମା' | ଶାନ୍ତିଲତା ସାହୁ | ୭୨ |
| ୧୯. | ଏ ଚଇତି କିଛି ଏପରି | ଲିପ୍ସା ଆଚାର୍ଯ୍ୟ | ୭୪ |
| ୨୦. | ସଂଯୋଗ | ପ୍ରଜ୍ଞା ପାରମିତା ମହାନ୍ତି | ୭୭ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୧. | କରୋନା | ଇପ୍ସିତା ରାୟ | ୭୯ |
| ୨୨. | ପ୍ରଭୁଙ୍କୁ ପ୍ରାର୍ଥନା | ବନିତା ପାତ୍ର | ୮୨ |
| ୨୩. | ମୋ କବିତାର ରୂପସୀ | ସତ୍ୟ ରଞ୍ଜନ ମିଶ୍ର | ୮୪ |
| ୨୪. | ମୁଠାଏ ପଖାଳ | ଅଶ୍ୱିନି କୁମାର | ୮୭ |
| ୨୫. | ପିତୃତ୍ୱ | ହୃଦୟାନନ୍ଦ ପଧାନ | ୯୧ |
| ୨୬. | ଭଲର ପରିଭାଷା | ଶ୍ରୀମତୀ ଚିନ୍ମୟୀ ମିଶ୍ର | ୯୪ |

## ଗଦ୍ୟ ବିଭାଗ

| | | | |
|---|---|---|---|
| ୨୭. | ଅଦୃଶ୍ୟ ପ୍ରେମିକା | ରୋଜା ପଣ୍ଡା | ୧୦୧ |
| ୨୮. | ମୁକ୍ତିର ସନ୍ଧାନ | ତ୍ରିଲୋଚନ ଦାସ | ୧୦୬ |
| ୨୯. | ମି - ଠୁ | ସୁନିତା ସାହୁ | ୧୧୨ |


*****

# ଅନ୍ତରଙ୍ଗ ଆଳାପ

## ସଂକ୍ଷେପରେ କବି...

**ନାମ :** ସମ୍ବିତ ସତ୍ୟପ୍ରକାଶ ମିଶ୍ର

**ଜନ୍ମ ତାରିଖ :** ୨୫ ଡିସେମ୍ବର

**ବର୍ତ୍ତମାନ ଠିକଣା :** ଗୁଡ଼ିଆନାଳୀ, ଢେଙ୍କାନାଳ

**ଶିକ୍ଷା :** ଏମ୍. ଫିଲ.(ପ୍ରାଣୀ ବିଜ୍ଞାନ), ବି.ଏଡ଼. (ମାଧ୍ୟମିକ ଶିକ୍ଷା), ପି.ଜି.ଡି.ସି.ଏ.(ଓ ଲେଭଲ)



୧. **ପ୍ରିୟ ପୁସ୍ତକ :** ଆଦିମ ଅରଣ୍ୟ ।

୨. **ପ୍ରିୟ ଲେଖକ/ଲେଖିକା :** ବିଭୂତି ପଟ୍ଟନାୟକ ।

୩. **ଆପଣଙ୍କ ପ୍ରେରଣାର ଉତ୍ସ :** ମୋ ପ୍ରପିତାମହ କାବ୍ୟ ବିନୋଦ ଚିନ୍ତାମଣି ମିଶ୍ର ଓ ମାତାମହ କବି ନାରାୟଣ ନନ୍ଦ ।

୪. **ରଚିତ ପୁସ୍ତକ :** ଅଣୁ ଉପନ୍ୟାସ "ସ୍ୱପ୍ନିଳ ସାଗର " ।

**୫. ଉଲ୍ଲେଖନୀୟ ସଫଳତା :** ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ଵବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ବିଭିନ୍ନ ପ୍ରତିଯୋଗିତା ଯଥା - ଗୀତ, ଏକକ ଅଭିନୟ, ଯନ୍ତ୍ରବାଦ୍ୟ, କବିତା ଲିଖନ, କବିତା ପାଠ, କ୍ଷୁଦ୍ର ଗଳ୍ପ ଲିଖନ, ଗୀତା ଓ ଶ୍ଳୋକ ଆବୃତ୍ତି, ବକ୍ତୃତା, ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସ ଓ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରି ବିଭିନ୍ନ ପୁରସ୍କାର ପାଇଛି । ତିରୁପତି ବିଶ୍ଵବିଦ୍ୟାଳୟରେ ଜୈବ ବିବିଧତା ବିଷୟରେ ଅନୁଷ୍ଠିତ ହୋଇଥିବା ଜାତୀୟ ସଂପାନରେ ଭାଗନେଇ ସମଗ୍ର ଦେଶରେ ପ୍ରଥମ ସ୍ଥାନ ପ୍ରାପ୍ତ ହେବା ସହ ଉଚ୍ଚ ପ୍ରଶଂସିତ ହୋଇଥିଲି ।

**୬. ପୁରସ୍କାର/ସମ୍ମାନ :** ପିଲାଙ୍କ  ଜାତୀୟ ବିଜ୍ଞାନରେ ଜାତୀୟସ୍ତରରେ ଅଂଶଗ୍ରହଣ କରି କୁନି ବୈଜ୍ଞାନିକ "ଲିଟିଲ ମାଷ୍ଟର" ଉପାଧି ପାଇଛି । ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ସର୍ବକଳା ସମ୍ପନ୍ନ ଓ ଆଦର୍ଶ ଛାତ୍ର ହିସାବରେ "କଲେଜ ବ୍ଲୁ" ଉପାଧିରେ ଭୂଷିତ ହୋଇଛି ।

**୭. ଆପଣଙ୍କ ସାହିତ୍ୟ ଜଗତରେ ପ୍ରବେଶ ଓ ସାହିତ୍ୟ ସର୍ଜନା ବିଷୟରେ ସମ୍ୟକ ବିବରଣୀ :** ପିଲାଟି ବେଳୁ ଗାଁ ମାଟି, ଧୂଳି ଓ ପବନରୁ ସାହିତ୍ୟକୁ

ସାଉଁଟି ଛୋଟ ଛୋଟ କବିତା ଲେଖିବା, ନିଜେ ସ୍ୱର ସଂଯୋଜନା କରି ପୋଖରୀ କୂଳରେ, ମନ୍ଦିର ବେଢାରେ ଓ ଆମ୍ବ ତୋଟାରେ ଗାଇବାରେ ବହୁତ ଆନନ୍ଦ ମିଳେ । ମୋ ପରିବାରର ସମସ୍ତ ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ, ବନ୍ଧୁ ପରିଜନ ଓ ଶୁଭେଚ୍ଛୁ ମାନଙ୍କ ପ୍ରେରଣାରେ ମୁଁ ସାହିତ୍ୟ ଜଗତରେ ପ୍ରବେଶ କରିପାରିଛି ଏବଂ ଏ ପର୍ଯ୍ୟନ୍ତ ଅନେକ କବିତା ଓ କ୍ଷୁଦ୍ର ଗଳ୍ପ ଲେଖି ସାରିଲିଣି ।

**୮. ଆପଣଙ୍କ ମତରେ ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି :**

ଇ-ମାଧ୍ୟମ ଓ ବିଶ୍ୱାୟନ ଫଳରେ ସାହିତ୍ୟର ସ୍ଥିତି ସୁଦୃଢ ହୋଇପାରିଛି । ବଣମଲ୍ଲୀ ପରି ଲୁକ୍କାୟିତ ଅନେକ ପ୍ରତିଭା ବିନା ମୂଲ୍ୟରେ ଅତ୍ୟନ୍ତ ସୁନ୍ଦର ଭାବରେ ନିଜର ପ୍ରତିଭାକୁ ପ୍ରକାଶ କରିପାରୁଛନ୍ତି । ବହୁ କବି, କବିୟତ୍ରୀ, ଲେଖକ, ଲେଖିକା, ବ୍ୟଙ୍ଗକାର, ଔପନ୍ୟାସିକ ମାନଙ୍କର ଉଦ୍ଭାବନ ହୋଇଗଲାଣି ସତ କିନ୍ତୁ ସେମାନଙ୍କ ମଧ୍ୟରେ ସୃଜନଶୀଳତାର କିଛିଟା ଅଭାବ ପରିଲକ୍ଷିତ ହେଉଛି ଏବଂ ଗୀତି ସାହିତ୍ୟ, ଶିଶୁ ସାହିତ୍ୟ ଓ ଗ୍ରାମ୍ୟ ସାହିତ୍ୟ ଯାହାକି ଭାଷା ସାହିତ୍ୟର ମୂଳ ଭିତ୍ତି ତାହା କ୍ରମେ

ଲୁକ୍କାୟିତ ହେବାକୁ ବସିଲାଣି ।

**୯. ପ୍ରେରଣା ଇ-ପତ୍ରିକା ବିଷୟରେ କ'ଣ କହିବେ :** ପ୍ରଥମେ ମୁଁ ପ୍ରେରଣା ଇ-ପତ୍ରିକାକୁ ଏପରି ଏକ ଭିନ୍ନ ଓ ଅନନ୍ୟ ପ୍ରୟାସ କରିଥିବାରୁ ଅନ୍ତରର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜଣାଉଛି । ପ୍ରେରଣା ସଦାସର୍ବଦା ଶାମୁକା ମଧ୍ୟରୁ ମୁକ୍ତାକୁ ଅନ୍ୱେଷଣ କରିବାକୁ ପ୍ରୟାସ କରୁଛନ୍ତି । କୁଇଜ୍, ଛବିଟିଏ ପାଇଁ ପଦଟିଏ, କୁନି ପ୍ରତିଭା ସମ୍ମାନ ପ୍ରଭୃତି ମାଧ୍ୟମରେ ସାଧାରଣ ଜନ ମାନସରେ ସାହିତ୍ୟ ପ୍ରୀତି ବଢାଇବା ପାଇଁ ଚେଷ୍ଟା ବଜାୟ ରହିଛନ୍ତି ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ପ୍ରେରଣା ଇ-ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

*****



ଧ୍ରୁବତାରା ପବ୍ଲିକେଶନର ପ୍ରଥମ ପୁସ୍ତକ "ସପ୍ତଶଯ୍ୟା"କୁ ଅର୍ଡର କରିବା ପାଇଁ ଏଠାରେ କ୍ଲିକ୍ କରନ୍ତୁ ।

# ପଦ୍ୟ ବିଭାଗ




**ଆସନ୍ତୁ ସମସ୍ତେ ମିଳିମିଶି କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା**

# ବିବେକ-ଜ୍ଞାନ



ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

ଶରୀରେ ନଥିଲେ ବିବେକ-ଜ୍ଞାନ-ମାନବିକତା ।
ପଶୁସଙ୍ଗେ ଗଣା ମନୁଷ୍ୟ ମନେରଖ ଏ କଥା ॥

ଦେଖ ଗାଈ ଭିଡି ଖାଉଛି ବସ୍ତା ପାଟିରୁ ଘାସ ।
ମାନବୀ ଶିଶୁକୁ ଖୁଆଏ ନିଜେ ରହି ଉପାସ ॥

ବାତ୍ସଲ୍ୟ ମମତା ଅବଶ୍ୟ ଅଛି ପଶୁର ଠାରେ ।
ବିବେକ ଜ୍ଞାନର ଅଭାବ ରହି ଅଛି ତା' ଠାରେ ॥

ନିଜ ସ୍ୱାର୍ଥ  ତ୍ୟାଗ ରହିଛି ମାନବିକତା ମୂଳେ ।
କେବଳ ସାଧିତ ହୁଅଇ ଏହା ମାନବ କୁଳେ ॥

*****

ଜହ୍ନିତଇଳା, ଢେଙ୍କାନାଳ

# ବେଳ ଥାଉଁ ହେଳ ଭାଇ



ମୋନାଲିସା ବେହେରା

ଚାରିଆଡ଼େ ଆଜି ଚହଳ ପଡ଼ିଛି
ଅଜଣା ସତ୍ତାଟେ ପାଇଁ,
ଭୂତ ନୁହେଁ ସେତ, ନୁହଁଇ ରାକ୍ଷସ
କରୋନା ଭୂତାଣୁ ସେହି ।

ବ୍ୟାପକତା ଯା'ର କଳି ହେଉ ନାହିଁ
ସ୍ଥାନେ ସ୍ଥାନେ ଉଭା ହୋଇ,
ଧନୀ କି ଗରିବ ମାନୁ ନାହିଁ ସେ ଯେ
ପ୍ରାଣୀଟିଏ ଲୋଡ଼ୁ ଥାଇ ।

ବାୟୁ ମଣ୍ଡଳରେ ଭୁତ ପ୍ରାୟ ହୋଇ
ଅଦୃଶେ ବିଚରୁ ଥାଇ,
ଘରେ ରୁହ ଭାଇ ସୁରକ୍ଷିତ ସେହି
ଅନ୍ୟ ସ୍ଥାନ ଇଚ୍ଛ ନାହିଁ ।

ସାଙ୍ଗ ସାଥୀ ମେଳ, ମଉଜର ବେଳ
ଦରକାରି ନୁହେଁ ଭାଇ,
ନିଜେ ଗୃହେ ରହି ଚେତାଇ ସଭିଙ୍କୁ
ଲଢିବା ଏ ବିଶ୍ୱ ପାଇଁ ।

ହାଟ ବଜାର ଠୁ ଦୂରେଇ ରହିବା
ଗହଳି ବାରଣ କରି,
ହାତ, ନାକ, ପାଟି ସ୍ୱଚ୍ଛ ରଖି ଆମେ
ଦେବା ତାକୁ ଘଉଡ଼ାଇ ।

ଘଡ଼ିଏ ମଜାର କଡ଼ା ସଜାଟିକୁ
ଜାଣୁ ଜାଣୁ ଡାକ ନାହିଁ,

ମିଟରେ ଦୂରତା ସୁରକ୍ଷାର ପାଇଁ
ସତର୍କ ରୁହରେ ଭାଇ ।

ପୃଥିବୀଟା ଆଜି କବଳିତ ଯା'ର
ଛୋଟ ତାକୁ ମଣ ନାହିଁ,
ନିଜର ସୁରକ୍ଷା ନିଜ ହାତେ ଆଜି
ବେଳ ଥାଉଁ ହେଜ ଭାଇ ।

*****

ଜଗନ୍ନାଥପୁର, ଜଗତସିଂହପୁର

# ଉଆଁସୀ କନ୍ୟା



କରିସ୍ମିତା କର

ଝିଅଟିଏ ଯେବେ ଜନ୍ମ ହୋଇଯାଏ
କେତେ ଯେ ଧିକ୍କାର କରନ୍ତି,
ଉଆଁସୀ କନ୍ୟାର ଦ୍ୱାହି ଦେଇ ତାକୁ
କନ୍ୟା ହତ୍ୟା ଘୃଣ୍ୟ କାମ କରନ୍ତି ।୧।

ଇନ୍ଦ୍ରଧନୁରୁ ସାତ ରଙ୍ଗ ଆଣି
ରୂପରେ ଲାବଣ୍ୟ ହୋଇଛି,
ସଂସାର ଜାକର ଯେତକ ଶକତି
ତା ପାଖେ ଖଞ୍ଜିତ ହୋଇଛି ।୨।

ନିଜ ଘର ଛାଡି ପର ଘରକୁ ସେ
ସସ୍ନେହ ଆଦର କରିଲା,
ପରିଷେଶରେ ସେ ସ୍ନେହ ବଦଳରେ
କେବଳ ଗଞ୍ଜଣା ଶୁଣିଲା ।୩।

ମଥାର ସିନ୍ଦୂର ତା ଶିକୁଳି ହୋଇଲା
ଝୁଣ୍ଟିଆ ସାଜିଲା ପାଦର ବେଢ଼ି,
ନିଜ ଲୋକ ପାଇଁ କୁଣିଆ ହେଲା ସେ
ପର ହେଲା ଘର, ଅଗଣା, ବାଡ଼ି ।୪।

ସଂସାର ନାମରେ ବନ୍ଧାସେ ହୋଇଲା
ସ୍ୱପ୍ନ ଯେତେ ସବୁ ହୋଇଲା ଦୂର
ଉଡ଼ା ଚଢେଇର ଡେଣା କଟିଗଲା
ତା ଆଗେ ପଡିଲା ଲକ୍ଷ୍ମଣ ଗାର ।୫।

ସୀତା ସାବିତ୍ରୀର ଦ୍ୱାହି ଦେଇ ତାକୁ
ଆକଟ କରିଲା ସାରା ଦୁନିଆଁ,

କାହାକୁ କହିବ କେମିତି କହିବ

ମନେ ତା ଜଳୁଛି କେତେ ଯେ ନିଆଁ ।୬।

ଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗା ପ୍ରତିମାକୁ

ସଭିଏଁ କରନ୍ତି କେତେ ଯେ ଆଦର,

ଦୀପ ଶିଖା ପରି ଜଳୁଥାଏ ଯିଏ

ତାକୁ କରନ୍ତି ହତାଦାର ।୭।

ହାଏରେ ବିଧାତା, କି ସଂସାର ଏ

ଗଢିଛୁ କେମନ୍ତ ପ୍ରକାର,

ପ୍ରକୃତ ମା'କୁ ଚିହ୍ନି ନ ପାରଇ

ଆନନ୍ଦେ ପୂଜୁଛି ବେଙ୍ଗି ପିତଳ ।୮।

*****

ମାହାଙ୍ଗା, କଟକ

# ରାତି ଯିବ ପାହି



ଅନାମ ଚରଣ ସାହୁ

ଭୁଲିବାକୁ ହେବ ଏ ଦାରୁଣ ଦୁଃଖ
ସମୟ ସ୍ରୋତରେ ଦିନେ
ଦୁଃଖ ପରେ ସୁଖ, ସୁଖ ପରେ ଦୁଃଖ
ରଖିବାକୁ ହେବ ମନେ ।

ଇଚ୍ଛାଥାଇ ମଧ୍ୟ ମରିଯାଏ ମନ
ଦୁଃଖେ ହେବା ପାଇଁ ସାଥି
କର୍ପୁର ଉଡିବ କନା ପଡିଥିବ
ଦିନ ଯାଇଥିବ ବିତି ।

କାହା ସୁଖେ ପୁଣି ହେବା ଭାଗିଦାରୀ
ଭାଗ୍ୟେ ଏବେ ନାହିଁ ଲେଖା
କିଏ ଜାଣେ ପୁଣି କି ଲେଖିଛି ବିଧି
ହେବକି ନ ହେବ ଦେଖା ।

ସମୟ ହିଁ ଦେବ ଏହାର ଉତ୍ତର
ଏଥିରେ ସଂଶୟ କାହିଁ
ଧୈର୍ଯ୍ୟ ଧରିଥିଲେ ଏହି ମରତରେ
ରାତି ଯିବ ସିନା ପାହି ।

*****

ବିଭୁତିପୁର, କାକଟପୁର, ପୁରୀ

# ତୁମେ କାହାର



ତେଜସ୍ୱିନୀ ସାମଲ

ହେ ଅନନ୍ତ କୋଟିନାଥ
ତୁମେ କାହାର
ହିନ୍ଦୁସ୍ଥାନର...
ନା ପାକିସ୍ତାନର ?

ତୁମେ ପରା ଜଗତ ଜାକର ପତିତପାବନ
ପତିତଙ୍କୁ ଉଦ୍ଧାର କରିବା ତୁମ କାମ
ତୁମେ ଖ୍ରୀଷ୍ଟିୟାନର...
ନା ତୁମେ ସାରା ବିଶ୍ୱର ?

ତୁମେ ବିସ୍ତୃତ ରାଜ୍ୟର ଅଟ୍ଟାଳିକା

ସାରା ବିଶ୍ୱାସ ପଥିକଟିଏ

ଶତଶତ ଦୁଃଖୀର

ତୁମେ ରକ୍ଷା କବଚ ପରା

ଯୁଗଯୁଗ ବ୍ୟାପି

ତୁମେ ଇତିହାସର ପୃଷ୍ଠା

ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ

ତୁମେ ଭାତୃଭାବର ବାର୍ତ୍ତାବହ....

ତେବେ

ଏ ଧର୍ମନିରପେକ୍ଷ ରାଷ୍ଟ୍ରରେ

ଅଖଣ୍ଡ ସାମ୍ରାଜ୍ୟରେ

ତୁମକୁ ନେଇ କାହିଁକି ଏତେ ବିବାଦ

ଜାତିଭେଦ ପ୍ରଥା କାହିଁକି ଟେକିଛି ମଥା ?

ଥରୁଟିଏ ପ୍ରଭୁ କହିଯାଅ

ତୁମେ କାହାର ?

କିମ୍ବଦନ୍ତୀରରେ ଲେଖା ଅଛି

ଜାତି ଅଜାତି ବାରଣ ପାଇଁ ତୁମେ

ଚଉଦ ବରଷ କାଳ ଭୋଗିଛ ଦଣ୍ଡ

ତେବେ କାହିଁକି

ଏ ମିଥ୍ୟାର ଯୁଦ୍ଧ

ବିଦ୍ରୋହ ଓ ଅତ୍ୟାଚାର

ଉତ୍ପୀଡନର କ୍ରନ୍ଦନ

ବିପ୍ଳବର ସ୍ୱର...

ଦଳିତ, ସ୍ଖଳିତ ଭେଦକୁ

ପ୍ରଭୁ କର ନିଷେଧ

କେତେଦିନ ବ୍ୟାପି

ଚାଲୁଥିବ ଲୁଣ୍ଠିତ

ତାହା ତୁମେ ହିଁ ଜାଣ ?

***** ରାଜକନିକା, କେନ୍ଦ୍ରାପଡା

# ଏ କି ସାମାନ୍ୟ ଭୂତାଣୁ



ସମ୍ବିତ ସତ୍ୟପ୍ରକାଶ ମିଶ୍ର

ଏଇ କେଇ ମାସ ହେବ ହୋଇଅଛ ତୁମେ
କରୋନା ଭୟରେ ଆତଙ୍କିତ,
ମୁହେଁ ତୁଣ୍ଡି ବାନ୍ଧି ହେଲେ, ଦୁଇ ହାତକୁ ଧୋଇଲେ,
କରୋନାସୁର ହୋଇବ ନିର୍ବାସିତ ।୧।

ପାଶ୍ଚାତ୍ୟ ଦେଶରୁ ବନ୍ଧୁ ଭେଟ ହେଲେ
କର ମର୍ଦ୍ଦନରେ ଶତମୁଖ ହୋଇ ପ୍ରେମେ ଆଲିଙ୍ଗନ କଲ,
ବିନମ୍ର ହୋଇଣ ବେନି ହସ୍ତ ଯୋଡି
ସ୍ୱାଗତ କରିବା ଚାଲ ।୨।

ଜିଇଁବାର କଳା ସାତ୍ତ୍ୱିକ ଜୀବନ ଶିଖାଇଥାଏରେ ଭାଇ,

ଅମା ଅନ୍ଧକାର ହନୁକରଣରେ ଦୁଃଖ ଭୋଗୁଅଛ କାହିଁ ।୩।

ଏ କି ସାମାନ୍ୟ ଭୂତାଣୁ,

ଧରଣୀ ବୁକୁରେ ଅଗ୍ନି ସମ ହୁଏ କୋପମାନ,

ବେଦ ବିଜ୍ଞାନକୁ ଆପଣାଇଲେ,

ତୁମ୍ଭେ ହୋଇଯିବ ମହୀୟାନ ।୪।

*****

ଗୁଡ଼ିଆନାଳୀ, ଢେଙ୍କାନାଳ

ପ୍ରତିଷେଧକ ବ୍ୟବସ୍ଥା ଆପଣାନ୍ତୁ
ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରୁହନ୍ତୁ
୨୪X୭
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ନିୟନ୍ତ୍ରଣ କକ୍ଷ ଫୋନ୍ ନଂ. ୦୬୭୪-୨୩୯୦୪୬୬ କିମ୍ବା
ମୋବାଇଲ୍: ୯୪୩୯୯୯୪୮୫୭/ ୯୪୩୯୯୯୧୨୨୧ / ୯୪୩୯୯୯୪୮୫୯ ରେ ଯୋଗାଯୋଗ କରନ୍ତୁ ।
facebook.com/HFWOdisha http://www.health.odisha.gov.in/ @HFWOdisha

# ଆକର୍ଷଣ



ସୁନିତା ସାହୁ

ଆକର୍ଷଣ ମୋ ମାଆ ପଣତର,
ତା କୋଳର,
ତା ହାତ ତିଆରି ପିଠାପଣାର,
ତା ସ୍ନେହ ମମତାର
ଯେତେ ଦୂରେ ଥିଲେ ବି ତା ଆଶିଷର,
ଯେତେ ପୁରୁଣା ହେଲେ ହେଁ ସେ ଅଭିନ୍ନ ।

ଆକର୍ଷଣ ମୋ ଶୈଶବର,
ମୋ ସାଙ୍ଗ ସାଥିର,
ସେ ପ୍ରଜାପତି ଓ ରଙ୍ଗୀନ ଫୁଲର,

ରାଗ ରୁଷା ଆଉ ଅଭିମାନର,
କିଛି ସମୟ କଟି ଆଉ ପରେ ସେ ମିଟିର
କୋଳିଗଛ, ଆମ୍ବତୋଟା ଓ ନଈକୂଳର
ଆଜି ଅନେକ ପୁରୁଣା ହେଲେ ସେଇଠି ଥିଲା ଜୀବନ ।

ଆକର୍ଷଣ ମୋ ପ୍ରିୟାର ଲାଜ ଲାଜ ହସର,
ଚୋରା ଚୋରା ଚାହାଣିର
କମ୍ପିତ ଓଠର, କଥା କୁହା ଆଖିର,
ତା ସ୍ପର୍ଶର, ତା ଆଲିଙ୍ଗନର
ତା ଚୂଡି ଆଉ ପାଉଁଜି ଶବ୍ଦର
ସବୁ ସୁମଧୁର ଥିଲା ସେଇ କିଛି ଦିନ ।

ଆକର୍ଷଣ ମୋ ସନ୍ତାନର,
ତା ମିଟି ମିଟି ଆଖିର
ତା ଦରୋଟି ଭାଷାର, ତା ଖିଲି ଖିଲି ହସର
ନାଲି ନାଲି ଓଠର, ବାସ୍ନା ତା କୋମଳ ଦେହର

ତା କୁଆଁ କୁଆଁ କାନ୍ଦ,

ପୁଣି ସେ ଅର୍ଦ୍ଧଶାୟିତ ହସର

ସେ ବି ଦେଖେ ସ୍ୱପ୍ନ

ତ ଆଗମନ ମୋ ଜୀବନକୁ କରେ ପରିପୂର୍ଣ୍ଣ ।

ଆକର୍ଷଣ ମୋ ମାଟି ମାଆର,

ମୋ ଜନ୍ମଭୂମିର

ସେଇ ପାହାଡ଼ ପର୍ବତ ଝରଣା

ଆଉ ଅଗନା ଅଗନି ବନସ୍ତର,

ତା ପାଣି ପବନ, ମୃଦୁ ମଳୟର,

ତା ବର୍ଷା ଭିଜା ମାଟିର ବାସ୍ନା,

ହୃଦୟକୁ କରେ ଆନମନା,

ଏ ମାଟିର ପରମ୍ପରା, ସଂସ୍କୃତି, ତା ଦୈବୀ ପୀଠର

ଏ ମାଟିର ସଙ୍ଗୀତ ଆଉ ନୃତ୍ୟ କଳାର

ଦେବଭୂମି ଏ ଭାରତ ବର୍ଷର,

ଯେତେ ଦୂରେ ଥିଲେ ବି ଗର୍ବିତ ଏ ମାଟିର ସନ୍ତାନ

ଅଦ୍ଭୁତ ଏ ଆକର୍ଷଣ ॥

*****

ରାଉରକେଲା

ଧ୍ରୁବତାରା ପବ୍ଲିକେଶନର ପ୍ରଥମ ପୁସ୍ତକ "ସପ୍ତଶଯ୍ୟା"କୁ ଅର୍ଡର କରିବା ପାଇଁ ଏଠାରେ କ୍ଲିକ୍ କରନ୍ତୁ ।




ଧ୍ରୁବତାରା ପବ୍ଲିକେଶନସ୍

# ଏଇତ ଜୀବନ



ଅପରାଜିତା ସାହୁ

ଜୀବନଟା ଗୋଟେ ପୃଥିବୀ

ସ୍ମୃତି ମହାସାଗର...

ଏଠି ଅବିରତ ସନ୍ତରଣ କରେ ଏକ ଅସହାୟ ହୃଦୟ,

କେବେ ଲାଗେ ସ୍ମୃତିର ପାଣି ମିଠା ତ କେବେ ଲୁଣିଆ

ଅଧାବାଟେ ସାହା ହୁଏ ଭବିଷ୍ୟତ ରୂପକ ନଉକା

ପହଞ୍ଚାଇ ଦିଏ ସେ ଏକ ଅଚିହ୍ନା ଦ୍ୱୀପରେ

ସେହି ଦ୍ୱୀପରେ ଘର ତୋଳେ ଅସହାୟ ହୃଦୟ

ଖୋଜେ ନିଜ ଜୀବନର ସାଥିକୁ

ମନଲାଖି ସାଥିଟିଏ ମିଳିଗଲେ, ତାକୁ ନେଇ ଗଢେ ନୂତନ ସଂସାର

ସଂସାର ରୂପକ ଜଞ୍ଜାଳରେ ହୁଏ ସେ ଛଟପଟ

ଲାଗେ ସ୍ମୃତି ସମୁଦ୍ରରେ ନିଆଁ

ସେହି ନିଆଁରେ ଜଳେ କଞ୍ଚା ହୃଦୟ

ଶେଷରେ ତିଆରି ହୁଏ ମୁଠାଏ ପାଉଁଶ !

*****

ପାଟଣା, ଜଗତସିଂହପୁର

# ଅଦୃଶ୍ୟ ଭୂତାଣୁ



ରୋଜା ପଣ୍ଡା

କେଉଁ ଅମୋଘ ପ୍ରତିରୋଧ ଲୋଡ଼ା
ଏ ଅଦୃଶ୍ୟ ଶକ୍ତିର ମୁକାବିଲା ପାଇଁ ।
କେଉଁଠୁ ଆସିବ ଅଭିମନ୍ୟୁ ଏବେ
ଏ ମହାଘାତକର ବଦ୍ଧ ଉଦ୍ଦେଶ୍ୟରେ
ଆଉଥରେ ଚକ୍ରବ୍ୟୂହ ଭେଦିବା ପାଇଁ ।

କେଉଁ ବ୍ରହ୍ମାସ୍ତ୍ର ନିକ୍ଷେପିବା ବନ୍ଧୁ
ଏ ଜୈବିକ ବିପତ୍ତିକୁ ନାଶିବା ପାଇଁ ।
କେଉଁ ଦୁର୍ଗ ନିର୍ମାଣ କରିବା ଅବା
କେଉଁ ରଣନୀତି ଆପଣେଇବା ଏବେ ?

ତା' ବର୍ବରତାରୁ ନିଜକୁ ସୁରକ୍ଷା ଦେବା ପାଇଁ ।

ଜଳ, ସ୍ଥଳ ଅବା ମହାଶୂନ୍ୟ ଆକାଶ
ଅବା ଆଉ କେଉଁ ନୂତନ ପଥଦେଇ
କେଉଁ ଶସ୍ତ୍ର ପ୍ରହାରେଣ ଗତି ତା'ର ଥମିଯିବ,
କେଉଁ କିସମ ମହୋଷଧି ନିକ୍ଷେପିବା ଗର୍ଭକୁ
ଅବା କି ବ୍ୟଞ୍ଜନ ଲୋଡ଼ା ତା କବଳୁ ରକ୍ଷାପାଇଁ ।

ସ୍ତବ୍ଧ ପ୍ରାୟ କେବଳ କ'ଣ ଦେଖୁଥିବା ତାର ଧ୍ୱଂସଲୀଳା
ନା ସୃଷ୍ଟି କରିବା ତା'ର ବିନାଶ ପାଇଁ କିଛି ନୂତନ ଯୁଦ୍ଧକଳା ।
ଫେରିଯିବାକି ପୁଣିଥରେ ଶତାବ୍ଦୀ ଶତାବ୍ଦୀ ପଛକୁ
ଏ ବିଶ୍ୱ ମହାମାରୀକୁ ବିଖଣ୍ଡିତ କରିବାପାଇଁ
ସେହି ପାସୋରି ଦେଇଥିବା ପରମ୍ପରା ଆପଣେଇ
କୋଳାଗ୍ରତ ଭୁଲି ଅଭିନନ୍ଦନାର୍ଥେ କରଯୋଡ଼ି
ମାରାତ୍ମକ ଭୂତାଣୁର ସଂକ୍ରମଣରୁ ବଞ୍ଚିବା ପାଇଁ ।

ହସ୍ତପଦ ଧୌତେନ ଗୃହ ପ୍ରବେଶି
ନିଃସଙ୍ଗ ବାସରେ ନିଜକୁ ସମର୍ପି,
ସ୍ୱଛତାକୁ ଢାଲ କରି ସଙ୍ଗରୋଧର ବାର୍ତ୍ତାଦେଇ
ଆହ୍ୱାନ ପୂର୍ଣ୍ଣ ସତର୍କତାର ଦୂତ ହେବା
ଏ ସମଗ୍ର ମାନବ ଜାତିର ମୁକ୍ତି ପାଇଁ ।

ଆମେ ସକ୍ଷମ ହେବା ନିଶ୍ଚେ ସେ ତୀବ୍ର
ମାନବ ଘାତକର ଦୃଢ ମୁକାବିଲା ପାଇଁ,
ଅନୁରକ୍ତି ବାଢି ପ୍ରକୃତିର ସମସ୍ତ କ୍ରୀଡାକୁ
ଆମେ ଲଢ଼ିବା ବିନା ଦ୍ୱିଧାରେ
ସେ ବିଶ୍ୱ ମହାମାରୀର ସମୂଳ ବିନାଶ ପାଇଁ ।

ଗୃହବନ୍ଦୀ ହେଇ ପ୍ରୟାସ କରିବା
ସେ ଅଦୃଶ୍ୟ ଅଶରିରୀର ବିସ୍ତାର ରୋକିବା ପାଇଁ,
ଆତଙ୍କିତ ନ ହୋଇ ତା କରାଳ ରୂପରେ
ଫିଙ୍ଗିଦେବା ତାର ଅହଂକାରକୁ

ଅନଳେ ଦଗ୍ଧ ହୋଇ ପାଉଁଶ ହେବାପାଇଁ ।

ସାମାନ୍ୟ ବ୍ୟାଧି ଏ ନୁହେଁ ବନ୍ଧୁ ଶୁଣ
ହେବ ନିବାରଣ ବୈଦ୍ୟ ସ୍ପର୍ଶ ପାଇ,
ହୃଦୟେ ଏକତାର ସଂକଳ୍ପ ନେଇ
ସାମାଜିକ ଦୁରତ୍ୱର ବ୍ରହ୍ମାସ୍ତ୍ର କରିବା ପ୍ରୟୋଗ
ବିଶ୍ୱବ୍ୟାପି ମହାମାରୀଠୁ ବିଜୟ ପାଇଁ ।

*****

ପୂର୍ଣ୍ଣାନନ୍ଦ ଭବନ,
ନେତାଜୀ ନଗର ,
ମଧୁପାଟଣା, କଟକ

# ଅଭୁଲା କଥା



ପ୍ରଜ୍ଞା ପଦ୍ମିନୀ

ପ୍ରଥମ ଆଷାଢ଼ର, ପ୍ରଥମ ବର୍ଷା
ଭିଜା ଭିଜା ମାଟିର ବାସ୍ନା...
ତା ସାଙ୍ଗେ ବାଇଚଢେଇ ବସା
ସତେ ଆମ ପିଲାଦିନ ଥିଲା
ଏକ ଅଭୁଲା କଥା !
ସନ୍ଧ୍ୟା ବେଳରେ କୋଳାହଳ,
ସେ ଗାଁର ଲୁଚକାଳି ଖେଳ,
ଜେଜେମା'ର ପରିରାଇଜର ଗପ
ଜେଜେବାପାଙ୍କ ଭୁତ ଗପର ଡର...

ଆଜି ହଜି ଯାଇଚି ସେ ଗପ

ନା ଅଛି ପରି ରାଇଜର ଗପ, ନା ସେ ଡର

ନା ଅଛି ସେ ଦିନ, ନା ସେ ଲୁଚକାଳି ଖେଳ

ଭାବୁଛି ଆଜି ଭଲ ଥିଲା ପିଲାଦିନ, ଆଉ ସେ ଖେଳକୁଦ

ଥରେ ଫେରି ଆସନ୍ତା କି ଏ ଦିନ...

ଥିଲା ସେ ଦିନ,

ମା ଆକଟ କଲେ, ବୁଝାଇଥିଲେ ମୋର ବାପା,

ମା'ର ପଣତରେ ଦିନ ବିତୁଥିଲା, ଭାଇ ସାଙ୍ଗେ କଲେ କଳିଗୋଳ

ନଥିଲା ଡର ନା ଥିଲା ଭୟ

ଯେତିକି ଲାଗୁଛି ଆଜିର ଦୁନିଆଁ ନିର୍ଦ୍ଦୟ

ଭାବୁଛି ଆଜି ମୁଁ ସେ ଅଭୁଲା କଥାକୁ

ସତେ ଭଲ ଥିଲା ମୋ "ପିଲାଦିନ"

*****

ସୁନ୍ଦରଗଡ

# ଆମ୍ର ଓ ଶ୍ରୀ ଜଗନ୍ନାଥ



ଆଶିଷ କୁମାର ସ୍ଵାଇଁ

ଜଗା ପାଇଁ ବାଲି ଦାସିଆ ପକ୍ଵ ଆମ୍ର କିଣିଛି
ସୁସ୍ଵାଦୁ ଆମ୍ରକୁ ଗଣ୍ଠିଲି କରି ବାନ୍ଧି ଧରିଛି ।
ଅଖିଆ ଅପିଆ ଆସିଛି ଧାଇଁ ଆମ୍ରକୁ ଧରି
ହୃଦ ଆତ୍ମା ଚାହେଁ ଜଗାକୁ ଦେବି ହାତରେ ଭରି ।
ଅରୁଣ ସ୍ତମ୍ଭରେ ନିକଟେ ରହି କହେ ଦାସିଆ
ସ୍ନେହ ଶରଧାରେ ଆଣିଛି ଜଗା ଆମ୍ର ତୁ ଖାଆ ।
ଚାହୁଁ ଚାହୁଁ ତାଆ ହାତରୁ ଆମ୍ର ଅଦୃଶ୍ୟ ହେଲା
ସ୍ଵୟଂ ପରଂବ୍ରହ୍ମ ହସ୍ତକୁ ଦେଖି ପ୍ରଣାମ କଲା ।
ଦାସିଆ ଭକ୍ତିରେ ସେବକମାନେ ଆଶ୍ଚର୍ଯ୍ୟ ହେଲେ

ସିଂହାସନେ ଚୋପା ଟାକୁଆ ପଡିଥିବା ଦେଖିଲେ ।

ଏଭଳି ଘଟଣା ଦେଖିକି ପଣ୍ଡା ବିସ୍ମିତ ହେଲେ

ଦାସିଆ ବାଉରୀକୁ ସର୍ବେ ଧନ୍ୟ ଧନ୍ୟ କହିଲେ ।

ଭାବ ବିନୋଦିଆ ଠାକୁର ତୁମ୍ଭେ ଭକ୍ତ ବତ୍ସଳ

ଭକ୍ତ ପାଇଁ ପ୍ରଭୁ କାହିଁକି ହୁଅ ଭାବ ବିହ୍ୱଳ ।

କଅଣ କେଜାଣି ପାଉଛ ତୁମ୍ଭେ ଭକତ ଠାକୁର

ତୁମ୍ଭକୁ ଜଣା ତ ମୋତେ ଅଜଣା ହେ ମହାମେରୁ ।

ଦାସିଆ ଭକ୍ତିରେ ଶ୍ରୀଜଗନ୍ନାଥ ସନ୍ତୁଷ୍ଟ ହେଲେ

ଶ୍ରେଷ୍ଠ ଭକତ ମର୍ଯ୍ୟାଦା ତାଙ୍କୁ ସମର୍ପି ଦେଲେ ।

ଶ୍ରୀକଳା ମାଧବ ଦାସିଆ ପ୍ରତି ପ୍ରସନ୍ନ ହେଲେ

ନୀଳଚକ୍ର ମଧ୍ୟେ ଦଶାବତାର ଦେଖାଇ ଦେଲେ ।

ପ୍ରମାଣ ଦ୍ୟନ୍ତି ଶ୍ରୀମନ୍ଦିର ମଣି ଚକାନୟନ

ଜାତି ବଡ଼ ନୁହେଁ ବଡ଼ ତ ଏଠି ଭକତ ଜନ ।

*****

ସିଆରା, ବ୍ରହ୍ମଗିରି, ପୁରୀ

# ସ୍ୱପ୍ନ ସରିଯାଏ ରାତି ହଜିଯାଏ



ଅମ୍ରିତେଶ ଖଟୁଆ

ନାହିଁ ହିତାହିତ ଚିନ୍ତୁଥିବା ସେ ଶିଳିପୀ
ଥିଲା ଯେବେ ବାରେ ନିହାର-ବ୍ୟାପୀ,
ସଦା କିନ୍ତୁ ଗୋଟିଏ ଥାଏ ଦୈନ୍ୟ
ଜଗତେ ସିଞ୍ଚି ହୁଅଇ
କାହିଁ ସେ ଅମୃତ ଅମର୍ତ୍ତ-ଶାୟୀ ?

ଜାଣ କି ସେ ସ୍ୱପ୍ନ ଆସେ ହେଲେ ରାତ୍ରି
ଜନ୍ମ ମାନସେ ହୁଅଇ କି ଜୀବନ-ଧାତ୍ରୀ,
କେବେ ସେ ଆସିଅଛି ଛନ୍ନ କରକାରେ

ସୁପ୍ତ ମାଟି ପରେ ଥିବା ଗୃହ ଝରକାରେ ?
କାହୁଁ ସେ ପାଇବ ଆଶଙ୍କା ଭୟଙ୍କର
ମଣଇ ଅତୁଲ୍ୟ ତ୍ରିଦିବ ରାତ୍ରି,
ତା' ଜୀବନ-କଳ୍ପନା ତଳପ ନିକର ।

ସତ୍ୟ ଜାଣେନି, ହୁଏ ତା'ର ଏକା ବୋଧ
ରାତ୍ରି ସାଥେ ମଳୟ ପରଶ ତା'ର ନିରପରାଧ,
ଏକାନ୍ତ-ପ୍ରାନ୍ତର ଅନ୍ତର-ଜ୍ୟୋସ୍ନା
ନୁହେଁ ତ ଏକାନ୍ତ ମେଣ୍ଟିଦେବ ତୃଷ୍ଣା ?
କୁସୁମ-ଶୀକର ଚାହିଁ ଚାହିଁ,
କହେ ରାତ୍ରି, "ନିଅ ହେ, ନିଅ ହେ ତମସା ବିହି" !

ବଉଦ ଜାଣେ କି ତା' ଅତଳ ଗରଭେ
ରହିଅଛି ପୁଳିନ
ଜଗତ ସଲୀନ
ମାଟି ପାଇଁ ସଲିଳ-ସୁଲଭେ,

ନାଚୁଥାଆନ୍ତି ପାଇଁ

ଭାଗ୍ୟ ସୁରସ ଧ୍ୟାୟୀ

କହନ୍ତି ଏକକୁ ଆରେକେ

"ଦେଖ, ଆମ୍ଭେ ଅଛୁ, ସରଗ ପଛକୁ

ଗଗନ ଗୋଲୋକେ"

ଭାଗ୍ୟ ଏକା ତା'ର ସ୍ୱପ୍ନତୁଲ

ଜାଣେନା ଚଞ୍ଚଳ ଭସା ବାଦଲ,

ପତିତ ହୋଇଲେ, ଅତୀତ ବୋଇଲେ

"କାହିଁ ସେ, କାହିଁ

ନେଉଥିଲା ଜଳ ବାହିରେ, ବାହି" ?

ଜାଣେନା, ଜାଣେନା ବଣମଲ୍ଲୀ ସ୍ତବକ

ନିବୁଜ-ହିଲ୍ଲୋଳେ ଧାଉଁଛି ଲୁଳିତ

ଏ ଜଗତ-କୋଳେ, ଜଗତ-ଆଲୋକ,

ଯାଉଅଛି କାହିଁ, ଯାଉଅଛି ହଜି

ସମାଧି ପରତେ ପ୍ରାଣ ଏ ବାଜି, ପ୍ରାଣ ଏ ବାଜି,

ସ୍ମୃତି-ସଜ୍ଜା-ଶାୟକେ,
ପଡିଲେ ଖସି, ପଡିଲେ ଖସି
ଯାଅଇ ବାଜି ସେ ବଣମଲ୍ଲୀ କଢି ନେସି !

ଧରି ସେ ଚନ୍ଦ୍ର
ତୁଷାର-ବର୍ତ୍ତିଳୀ ଅତନ୍ଦ୍ର,
ଧାଉଁଛି ବେଗେ, ମର୍ତ୍ତ୍ୟ-ସରାଗେ
ଯିବ ସେ ଥୋଇ ମୁହୁର୍ମୁହୁ
ତନୁକୁ ଢାଳି ସେ ଦେବରେ ମହୁ,
ସ୍ମୃତିକୁ ଛାଡି, ସେ ଅତୀତ ସଜାଡି
ଦେଉଥିବ ଆଖି, ହଜାଇ ଗୋଲୋକେ
ସ୍ୱପ୍ନ ସରାଇ, ରାତିକୁ ତିନ୍ତାଇ
ଶିଳିପୀ ଆସିବା ବେଳ ହେଲା ଯେମନ୍ତେ
ଗଲା ସେ ରାତି, ସ୍ୱପ୍ନ ତୁହାଇ !

ଥିଲା ସେ ଯାମିନୀ ଜଗତକୁ ଅଛୁଆଁ

ଥିଲା କାହିଁ ବାହି
ଶୋକୁଁ ଉଦ୍ଧରି ଦେବରେ କହି,
ନାହିଁ ଥୟ, ନାହିଁ ଆଉ ଥୟ
ରହିବାକୁ ମତାଣିଆ !

ମାନସେ ରୋହିଛି
ନିହାର ନାଇଛି,
ପ୍ରଭାତ-କିରୀଟିନୀ, ଧରିଛି ଯାମିନୀ
ଦେଇଛି ପଣ ସେ ରଖିବ ତା
କାଳିମା-ରଜନୀ,
ଉଦିତ-ମୟୂଖେ-ରଜତ-ଗଗନେ
ଜଗତ ସମ୍ମୁଖେ ସଂହତ ତପନେ
ଲୋଟିଛି ତା ଛବି,
ଧନ୍ୟ କରୁଛି ତା ଲୋହିତ କରବୀ !

ସେହି ତ ସ୍ୱପ୍ନ-ଫଳକେ ଏକା ଆଶା

କ୍ରୂର ମୃତ୍ୟୁର ଜ୍ୱଳନେ

ନିରୁତ୍ତରିତ ରଜନୀର ଉଷା !

*****

୨୩୭, ଫେଜ୍ -୨, କାନନ ବିହାର,

ପଟିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

www.store.preranaodia.com

Prerana e-Store

The ultimate bookshop

"ସପ୍ତଶଯ୍ୟା" ଏବେ ପ୍ରେରଣା ଇ-ଷ୍ଟୋରରେ ଉପଲବ୍ଧ ।
ନିମ୍ନୋକ୍ତ କୁପନ୍ କୋଡ୍ ବ୍ୟବହାର କରି ୧୦% ରିହାତି ପାଆନ୍ତୁ ।




10% OFF COUPON CODE - PRERANA01

DHRUBATARA PUBLICATIONS
BOOK TITLE- SAPTASAJYA
ISBN- 978-81-942801-0-1
PRICE Rs - 80/-

* TERMS AND CONDITIONS MAY APPLY

# ମଣିଷର ସ୍ଥିତି ଓ ମତିଗତି



ନୂତନ କୁମାର ବେହେରା

ସଂସାରେ ମଣିଷ ଅଟଇ ଯେ ଶ୍ରେଷ୍ଠ
ବିଦ୍ୟା ବୁଦ୍ଧିରେ ସେ ପାରଙ୍ଗମ,
ବିବେକ ଖଟାଇ ଜୀବନ ଗଢଇ
ସୁଖେ କାଟିବାକୁ ଧରାଧାମ ।

ଶିକ୍ଷା ଦୀକ୍ଷା ପାଇ ମାର୍ଜିତ ହୁଅଇ
ସଭ୍ୟ ଶିକ୍ଷିତ ମଣିଷ ଭାବେ,
ପ୍ରତିଭା ନିଜର ବିକଶିତ କରି
ପରିଚିତ ହୁଏ ଏଇ ଭବେ ।

ସଂପର୍କ ବନ୍ଧନେ ଆପଣାର ଭାବି
କରେ ତାର ଭାବ ବିନିମୟ,
ଦୁଃଖ ସୁଖ ଭୋଗି ପ୍ରତିଷ୍ଠିତ ହୁଏ
ପରସ୍ପରେ ରଖି ସମନ୍ୱୟ ।

ଆଜିର ମଣିଷ ଭୁଲି ଯାଇ ସବୁ
ଦେଖାଏ ତାହାର ଅହମିକା,
ନିଜ ଇଚ୍ଛା ମତେ କାମ କରେ ତାର
ବଞ୍ଚିବାକୁ ଚାହେଁ ଏକାଏକା ।

ଅନ୍ୟାୟ ଅନୀତି ସ୍ୱାର୍ଥପର କାର୍ଯ୍ୟେ
ଲିପ୍ତ ରହେ ସେ ସଦାସର୍ବଦା,
ବିଚାର କରେନା ଭଲ ମନ୍ଦ କିଛି
ପାଉ ଯେତେ ଅପମାନ ନିନ୍ଦା ।

ନିଜ ଦୋଷ ବାଛି ସୁଧୁରେ ନା କେବେ
ଅନ୍ୟକୁ କରୁଥାଏ ଆକ୍ଷେପ,
ଦେଖାଇ କ୍ଷମତା କରେ ଅହଂକାର
ବାର ବାର ପକାଇ ତା' ଚାପ ।

ହିଂସା ଦ୍ୱେଷ ଘୃଣା ବିଷରେ ବିଷାକ୍ତ
ହୋଇଯାଏ ତା' ମାନସିକତା,
ଭୁଲି ଯାଏ ସତ୍ୟ ନିଷ୍ଠା ପରାକାଷ୍ଠା
ବଢେ ପଶୁପଣ ବର୍ବରତା ।

ସେବା ପରାୟଣ ପର ଉପକାର
ଦେଖାଇବାରେ ତା' ପ୍ରବଞ୍ଚନା,
ଛଳନା ବାହାନା ସ୍ୱଭାବ ପ୍ରବୃତ୍ତି
ଧରି କରୁଥାଏ ପ୍ରତାରଣା ।

ମିଳେ ନାହିଁ କାହିଁ ହସ ଖୁସି ଶାନ୍ତି

ମଣିଷର ସେ ଭଲ ପାଇବା,

ଅନାବିଳ ଶ୍ରଦ୍ଧା ସେନେହ ମମତା

ଊଣାହୁଏ ତାର ଦେବାନେବା ।

ଆଜିର ମଣିଷ ହୋଇ ଲକ୍ଷ୍ୟ ଭ୍ରଷ୍ଟ

ପାଏ ସେ କେତେ ଦୁଃଖ ଯନ୍ତ୍ରଣା,

ତଥାପି ନିଜକୁ ସୁଧାରି ନ ପାରି

ହୁଏ ନିତି ନିତି ବାଟବଣା ।

ମତିଗତି ତାର ବଦଳେନା ଜମା

କରେ ନା କେବେ ଆତ୍ମସଂସ୍କାର,

ମାୟା ମୋହେ ପଡ଼ି ହୁଏ ଛଟପଟ

ଜୀବନଟା ହୁଏ ହାହାକାର ।

ନିଜକୁ ଉଦ୍ଧାର ନିଜେ କରିବାକୁ

ସତ୍ କର୍ମ ଏକମାତ୍ର ବାଟ,

ମନ ପ୍ରାଣ ଆତ୍ମା ହେଲେ ଏକାକାର

ଜୀବ ପରମଙ୍କ ହୁଏ ଭେଟ ।

*****

କୋହି, ଗଡ଼ିଆ, ମୟୂରଭଞ୍ଜ

# ମୁଁ'ର ଅସ୍ତିତ୍ୱ



ତପସ୍ୱିନୀ ଦାଶ ଷଡଙ୍ଗୀ

ମୁଁ ମୋର ଅସ୍ତିତ୍ୱ ଖୋଜୁ ଖୋଜୁ
ଅଣନିଃଶ୍ୱାସୀ ହୋଇ ପଡିଲି ସିନା
ପାଇଲିନି ନିଜ ଭିତରେ ।
ପାଦ ମୋର ଥକି ଗଲା
ମନ ମୋର ଦିଗହରା ହୋଇ ପଡିଲା
ଠିକ୍ ସେଇ ନାଉରୀ ବିନା ନଉକା ପରି ।
ତଥାପି ଅଙ୍ଗୀକାରବଦ୍ଧ ଏ ମନ କ'ଣ ମାନୁଛି
ସେ ଗନ୍ତବ୍ୟ ପଥରେ ଆଗକୁ ଧାବମାନ
ସଫଳତାର ଭାବାବେଗ ନେଇ ।

ପାଇଲି ଶେଷରେ ମୋର ଅସ୍ତିତ୍ୱ

ଖିନ୍ ଭିନ୍ ହୋଇ ସମାନ ଭାଗରେ

ସେ ବାଣ୍ଟି ହୋଇ ଯାଇଛି ଆଉ କାହା ପାଖରେ ।

କେଉଁଠି କର୍ତ୍ତବ୍ୟର ଶକ୍ତ ରଜ୍ଜୁରେ

କେଉଁଠି ଦାୟିତ୍ୱର ପରିବେଷ୍ଟନୀରେ

ଆଉ କେଉଁଠି ଅନାବିଳ ପ୍ରେମ ଡୋରିରେ ।

ହୁଏତ ମୁଁ'ର ଅସ୍ତିତ୍ୱ ମତେ ମିଳିଲା

କିନ୍ତୁ ଆଉ କିଛି ଅସ୍ତିତ୍ୱକୁ ପାଥେୟ କରି ।

*****

ବେଙ୍ଗାଲୁରୁ

**ଆସନ୍ତୁ ସମସ୍ତେ ମିଳିମିଶି କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା**

ଅଧିକ ସୂଚନା ପାଇଁ
ସ୍ୱାସ୍ଥ୍ୟ ସହାୟତା ଫୋନ୍ ନଂ **୧୦୪** କିମ୍ବା
ମୋବାଇଲ୍: ୯୪୩୯୯୯୪୮୫୭/ ୯୪୩୯୯୯୪୮୫୯ ରେ ଯୋଗାଯୋଗ କରନ୍ତୁ ।

# ଫୁଲ ଓ ମୁଁ



ଦମୟନ୍ତୀ କିଶାନ

ଆହା କି ସୁନ୍ଦର ତନୁଟି ତୋହର
କେମିତି ଗଢିଲା ତତେ ବିହି,
ପ୍ରାଣ ଲାଖିଗଲା ପ୍ରଥମ ଦର୍ଶନେ
ମୋ' ପ୍ରଥମ ପ୍ରେମରେ ତୁହି ।

ନାନା ରଙ୍ଗେ ମିଶା ଯଉବନେ ତୋହର
ପାଗିଳି ହେଇଛିରେ ମୁହିଁ,
ସ୍ପର୍ଶ କରିବାକୁ ଟିକେ କେତେ ଯେ ବ୍ୟାକୁଳ
ତିଳେ ପାରୁନିରେ ରହି ।

ଲାଖିଗଲେ ଟିକେ ଆଉ କା' ନଜର
ଜମା ପାରେନିରେ ସହି,
କେମିତି ବଞ୍ଚିବି ବିଚ୍ଛେଦରେ ତୋହର
ବାୟାଣୀ ହେଇଯିବିରେ ମୁହିଁ ।

ଶୋଇଦେଲେ ଟିକେ କୋଳରେ ତୋହର
କେତେ ଆନନ୍ଦ ପାଏ ମୁହିଁ,
ସକାଳରୁ ସନ୍ଧ୍ୟା ମୁଁ ଏକା ତୋ'କୋଳେ
ଆଉ ନଥିବେରେ କେହି ।

ସାରା ଜଗତରେ କେବଳ ମୋହର
ଏକା ଆପଣାର ତୁହି,
ଭାବ ମିଳନେ ଗଢା ଏ ସଂପର୍କ ଆମର
ଥାଉ ଚିରକାଳରେ ରହି ।

*****

ସୁନ୍ଦରଗଡ

# ସଂପର୍କ ସୌଧ



ସଦାଶିବ ନାୟକ

ସଂପର୍କଟିଏ ଗଢ଼ିବାର ଆଶାରେ
ଅତି ସନ୍ତର୍ପଣରେ ମନ ସହ ମନ ମିଶାଇ,
ଦରକାରୀର ଆବଶ୍ୟକତାକୁ ପୂରଣ କରି,
ବିଶ୍ୱାସ ଓ ଭଲ ପାଇବାକୁ ବଜାୟ ରଖି,
ଅସମୟରେ ଉପକାରର ହାତ ବଢ଼ାଇ,
କୋମଳ ମୁଲାୟମ ସୌଧଟିଏ ଗଢ଼ି ତୋଳିଲି...

ସହିପାରିଲାନି ଏକ ମୃଦୁ ଅଭିମାନୀ ବାଆ
ଦୋହଲାଇ ଦେଲା ତା'ର ଅଶକ୍ତ ମୂଳଦୁଆ...
ଫସ୍ କାଏ ରାଗ ଦ୍ୱେଷ କବଳିତ କରିଦେଲା

ଇଟା, ପଥର, ବାଲି, ଗୋଡି, ସିମେଣ୍ଟ ସଭିଙ୍କୁ

ସ୍ୱାର୍ଥପରତାର ଦଲକାଏ ପବନରେ

ସୌଧଟି ଭୁଷୁଡିଗଲା ବିନା ଶବ୍ଦରେ...

** ** ** **

ତାପରେ...

ରାଗକୁ ଦ୍ୱେଷ ସହ ମାନକୁ ଅଭିମାନ ସହ,

ଭଲକୁ ମନ୍ଦ ସହ, କାନ୍ଦକୁ ଦୁଃଖ ସହ

ବିଶ୍ୱାସର କଷଟି ପଥରରେ କଷି

ସ୍ନେହର ମୂଳଦୁଆ ଉପରେ

ସୁନା ଇଟାସହ ପ୍ରେମର ଯୋଡେଇରେ

ଠିଆ ହେଲା ସମ୍ପର୍କର ଅଟ୍ଟାଳିକା

ହାର ମାନିଲା ମହା ପ୍ରଳୟ ବାତ୍ୟା

ଜନମ ଜନମ ପାଇଁ ସାଥିଟିଏ ହୋଇ

ସୌଧଟି ଠିଆ ହେଲା ମୁକସାକ୍ଷି ହୋଇ ॥

*****

ପୋଲସରା, ଗଂଜାମ

# ବୈଶାଖୀ



ପୁଷ୍ପଲତା ସାହୁ

ଆଦ୍ୟ ବୈଶାଖର ପହିଲି କିରଣ

ଧରାକୁ ସ୍ପର୍ଶ କରେ

ମନେ ଜାଗେ ଶିହରଣ

ବୈଶାଖର ଝାଞ୍ଜି ବାଆ

ତା ସାଥେ ଟାଇଁ ଟାଇଁ ଖରା

କଅଁଳିଆ ଗଛପତ୍ର

ନରମି ଜଳିଯାଏ

ଧ୍ୱଂସପ୍ରାପ୍ତ ହୁଏ ତାର

ପରଶରେ, କଷାଘାତରେ ।

ଧୀରେଧୀରେ ଅକ୍ତିଆର କରେ

ସମଗ୍ର ପୃଥିବୀକୁ

ତା ବଳର ପରାକାଷ୍ଠା ଦେଖାଏ

ପଶୁ ପକ୍ଷୀ, ଗଛଲତା, ମାନବ

ସଭିଏଁ ଭୟରେ କାତର

ପ୍ରଚଣ୍ଡ ରୌଦ୍ରତାପ ସହ

ଅଂଶୁଘାତର ଭୟ

ହୃଦୟକୁ କରେ ବିଦାରଣ ।

ତଥାପି ମନେ ଆଶା ସଂଚାରେ

ମେଘରେ ଜଳ ଭରେ

ବର୍ଷାକୁ ଆବାହନ କରେ

ଜୀବଜଗତକୁ ସାହାରା ହୁଏ

ପୃଥିବୀ ପୃଷ୍ଠକୁ ଶୀତଳତା ଦିଏ

ଶୁଷ୍କ ଧରଣୀ ହସିଉଠେ

ତାହାରି ଉଷ୍ମ ପରଶରେ ।

*****

ଜଗତସିଂହପୁର

# ମା'



ଶାନ୍ତିଲତା ସାହୁ

ମା' ଡାକରେ ଯେଉଁ ମଧୁରତା ସେତ କେଉଁ ଡାକରେ ନାହିଁ,

ମା' ସ୍ନେହ ପରି ଅମୃତ ସେତ ସରଗେ ନାହିଁ,

ମା' କୋଳେ ଯେଉଁ ଆନନ୍ଦ ତା'ର ତୁଳନା ନାହିଁ,

ମା' ପରି ବଡ ସମ୍ପଦ ଏହି ଜଗତେ ନାହିଁ,

ମା' ର ପଣତ କାନି ଛାଇରେ ଶିଶୁକୁ ଲାଗଇ ଆନନ୍ଦ,

ମା' ର ଆଶିଷ ପାଇଲେ ଶିଶୁ ଜିତଇ ଜଗତ,

ମା' ରନ୍ଧାପରି ସଂସାରେ ମିଳଇ ନାହିଁ,

ମା' ଲୋରୀ ବିନା ଶିଶୁକୁ ନିଦ ଆସେ ନାହିଁ,

ମା' ର ମା' ଟି ହୋଇବ ତାର ବାର୍ଦ୍ଧକ୍ୟ କାଳେ,

ମା' ର ସେବାଟି କରିବ ନରଖି ସଂକୋଚ ମନେ,

ମା' ଆଖିରୁ କେବେବି ଝରାଇ ନ ଦେବ ଲୁହ,

ମା' ହସୁଥିଲେ ହସିବ କୋଟି ଦେବତାଙ୍କ ମୁହଁ...

*****

ବି.କେ କେନାଲ ରୋଡ୍, କଟକ

www.preranaodia.com/quiz

PRERANA QUIZ

Lightning your knowledge

First time ever
Odia literature quiz..

Register



www.preranaodia.com/register

# ଏ ଚଇତି କିଛି ଏପରି



ଲିପ୍ସା ଆଚାର୍ଯ୍ୟ

ଆଜି ଚଇତି ପବନରେ

ସଜ ସଜ ନିମ୍ବ ଫୁଲର ମହକ ରହିଛି ।

ତାହା ସହିତ ଭୂଇଁରେ ଲୋଟି ପଡିଛି

କାକରରେ ଝଡି ପଡିଥିବା କଷି ଆମ୍ବ ।

ବୈଶାଖକୁ ସ୍ୱାଗତ ଜଣାଇବା ପାଇଁ

ବେଲ ବି ପାଚିବାରେ ଲାଗିଲାଣି ।

ତଥାପି, ଏ ମଳୟରେ

କିଛି ମଳିନ ନିରବତା ଚିତ୍କାର କରୁଛି ।

ବୋଧହୁଏ ଅପେକ୍ଷା କରିଥିବା

ଆମ୍ପ୍ରିୟତାର ଚିଠି ଆସିଲା ନାହିଁ ।
ହଁ, ସେ ଝୁରି ଝୁରି ବ୍ୟଥିତ ହେବାରେ ଲାଗିଛି ।
କେତେ ଯାନିଯାତ୍ରା ହେବାର ଥିଲା,
ଦେଖିଥାନ୍ତା ସେ ଭକ୍ତର ମାନସିକ ପୂରଣର ବ୍ରତ ।
ଦାଣ୍ଡରେ ଶୁଭ କଳସ ଢାଳି ଦଣ୍ଡନାଚର ଆଗମନକୁ,
ଧୂଳି, ଜଳ, ବନ, ଅଗ୍ନି ଦଣ୍ଡ ଭୋଗି
ପାପରୁ ମୁକ୍ତ ପାଇବାର ପ୍ରୟାସ ।
ଟିକିଏ ଅବକାଶ ପାଇଛି
ଆଗକୁ ଆଷାଢ଼ ଆଗମନେ ଚଷା କାମ ।
ଚଢେଇ ଚଢେଇୟାଣୀ ଝଗଡ଼ାରେ
ନିଜ ଜୀବନକୁ ଦେଖି ଘୁମେଇ ଯିବାର ମଜା ଟିକିଏ ନିଆରା ।
ଚଇତି ଆସି ଚାଲିଯିବାକୁ ବସିଲାଣି
ନା ନିମ୍ବଫୁଲର ବାସ୍ନା ନା ମହୁଲି ମହକ
ନା ଘଣ୍ଟ ଚମକ ନା ଆଳତିର ଚହଲ
ନା ଅକଟା ଅଫୁଟା ଡାଲମା ନା ପରବା ନୃତ୍ୟ


ବାସ୍ ! ଏଥରର ଚଇତି କିଛି ଏମିତି କଟିଗଲା ।

ଘରେ ବସି ବସି ଝରକା ଫାଙ୍କରେ ମେଘ ମୁକ୍ତ ଆକାଶକୁ ଚାହିଁ ଚାହିଁ ।

*****

ହୁଡକୋ କଲୋନୀ,

ଭଞ୍ଜ ବିହାର, ବ୍ରହ୍ମପୁର



# ସଂଯୋଗ



ପ୍ରଜ୍ଞା ପାରମିତା ମହାନ୍ତି

ସଂଯୋଗବଶତଃ ଏକ ସଂଯୋଗ ବେଳାରେ
ସୁଯୋଗ ପାଇଲି ଜଣେ ସୁଜନର (ସୌମ୍ୟ-ସୁଦର୍ଶନ ପ୍ରାୟ) ।

ସୌଜନ୍ୟତା ମୂଳକ ସମ୍ଭାଷଣ, ପରେ
ସର୍ତ୍ତହୀନ ସମୀକ୍ଷାୟନ,
ସୀମାହୀନ ସ୍ୱପ୍ନସବୁର ସମ୍ଭାବନାମୟ ପ୍ରତିଶ୍ରୁତି
ସାକାର ହେବାର ସଞ୍ଚରିତ ଆଶାରେ
ସେବିଲି ଅବିରତ ବାଧ୍ୟପ୍ରାୟ,
ସଜାଇଲି ସାମଗ୍ରିକ ରୂପରେଖ ତା'ର ।

ସୃଷ୍ଟି-ସର୍ଜନା ସାର୍ଥକ ପାଇଁ
ସମର୍ପି ଦେଲି ଏ ସାରା ସଂସାର ।
ସାଦରେ ଆଉଁସି ଦେଲି
ସଙ୍କୋଚ ହଟାଇ ଦୂର,
ସଂକ୍ରାମକ ରୂପେ ଆବୋରି ବସିଲା ଯାହା
ସମଗ୍ର ସତ୍ତାକୁ ମୋର ।
ସନ୍ତର୍ପଣେ ଆଗେଇଗଲି ଯେ ମୁଁ କିଛି ଦୂର ।

ସଜା - ଏ ନଜରବନ୍ଦୀ ବା ଜୀବନଇ କାରାଗାର ।
ଶାନ୍ତି- ସେ ଅବସ୍ଥାର ଭିନ୍ନ ଏକ ରୂପାନ୍ତର ।
ସୃଷ୍ଟି-ସ୍ରଷ୍ଟା-ସନ୍ଧାନୀ ସମ୍ପର୍କର ସମ୍ଭାର ।

"ସଂଯୋଗ"- କେତେ ରୂପ ତୋର, କେତେ ଅବତାର ?
ଆଦ୍ୟରୁ ଅନ୍ତିମ, ସେ ଯେ ଅଭ୍ୟନ୍ତର ।
ସନ୍ଧାନ, ପୁଣି ଏକ ସୁଯୋଗର ।

*****

ବଳଗଣ୍ଡି ସାହି, ପୁରୀ

# କରୋନା



ଇପ୍ସିତା ରାୟ

ଆସିଲା ମହାମାରୀ କରୋନା

ମାନବ ଜୀବନ କଲା ଖେଳନା,

ବିଶ୍ୱକୁ ବିଧ୍ୱଂସ କଲା ଚାଇନା

ସବୁଠି ରୋଗର ସମସ୍ୟା ।

ବଢି ବଢି ଚାଲେ ରୋଗୀଙ୍କ ସଂଖ୍ୟା

ସରକାର ମୁଣ୍ଡେ ବଢଇ ଚିନ୍ତା,

ମୃତ୍ୟୁ କୋଳରେ ଶୋଇଗଲେଣି କେତେ ଜନତା

ତଥାପି ଲୋକଙ୍କ ମନେ ଆସିନି ସଚେତନତା ।

ଜୀବନକୁ ପକାଇ ପଛରେ ସେବା କରୁଥାନ୍ତି ଡାକ୍ତର

ଚିର ନମସ୍ୟ ସେ ଭଗବାନଙ୍କ ଦ୍ୱିତୀୟ ଅବତାର,

ଖରା ବର୍ଷା ରୋଗକୁ ନକରି ଖାତିର ଦିଅନ୍ତି ଆମକୁ ସୁରକ୍ଷା

ସତ ପ୍ରଣାମ ସେ ପୋଲିସ ଯବାନଙ୍କୁ

କରୁଥାନ୍ତି ନିତି ଆମ ସେବା ।

ସବୁଠି ଝୁଲୁଛି ତାଲା ସେଥିପାଇଁ ଆଜି ସବୁ ମହଙ୍ଗା

ଚଢା ଦରରେ ବିକୁଛି ବେପାରୀ

ସବୁଠି ଆଜି କଳାବଜାରୀ ।

ଯେଉଁ ସହରୀ ବାବୁମାନେ ଗାଁ ମାଟିକୁ ଦିନେ ଟେକୁଥିଲେ ନାକ,

କେଉଁ ବିଦେଶରୁ ଆଜି ଗାଁ ମାଟି ଆସି ଖୋଜୁଛନ୍ତି ପୁଣି ବାସ ।

ସରକାର ପୁଣି ଗାଁ ପଞ୍ଚାୟତେ ଯୋଗାନ୍ତି ମାଗଣା ଭାତ

ସତରେ କେବଳ ଯଦି ଗାଁରେ ଗରିବ

ସହରର ସେହି ରାସ୍ତା, ମନ୍ଦିର ବେଢାରେ ମାଗୁନଥାନ୍ତେ କେହି ଭିକ ।

ବଡ ଲୋକ ଏଠି ପଇସା ଦେଖାଇ ଜିନିଷ ନେଉଛି ସାଉଁଟି,

ଦିନମଜୁରିଆ ଖଟିକିଆ ଏଠି ଉପାସେ କାଟୁଛି ରାତି ।

ପ୍ରଥମେ ଯଦି ଜନତା ହୁଅନ୍ତେ ସଚେତନ

ତେବେ ରୋଗ କରନ୍ତାନି ତା'ର କାୟା ବିସ୍ତାର,

ମହାମାରୀ ହୁଅନ୍ତା ସମୂଳେ ବିନାଶ, ବଞ୍ଚିଯାନ୍ତା ଏ ନିରୀହ ସମାଜ ।

*****

ଜଗତସିଂହପୁର

# ପ୍ରଭୁଙ୍କୁ ପ୍ରାର୍ଥନା



ବନିତା ପାତ୍ର

ପ୍ରଭୁ,

କେତେ ଭରସାରେ ମଣିଷକୁ କଲ ଦୁନିଆଁର ଶ୍ରେଷ୍ଠ ପ୍ରାଣୀ,

ମଣିଷ ପାଇଁ ଯେ ସୃଷ୍ଟି ନାଶ ଯିବ, ଏ କଥା କିଥିଲ ଜାଣି ?

ମଣିଷ ମନରେ ଭରିଦେଇଥିଲ ସତ୍ୟ, ଧର୍ମ, ନ୍ୟାୟ, ପୁଣ୍ୟ-

ଦୟା, କ୍ଷମା, ତ୍ୟାଗ, ବିବେକ-ବିଚାର, ଦେବତ୍ୱର ସବୁ ଗୁଣ ।

ଆଜିର ମଣିଷ ଗର୍ବ, ଅହଂଙ୍କାରେ ଧରାକୁ ମଣୁଛି ସରା,

ଅନ୍ୟାୟ ଅଧର୍ମ ଅନୀତି-ବିଚାରେ ବଢ଼ିଲା ପାପର ଭାରା ।

ଶ୍ରୀରାମ, ଶ୍ରୀକୃଷ୍ଣ ଜନମ-ମାଟିରେ ଅଧର୍ମର ଲୀଳା-ଖେଳା,

'ଅମଣିଷ ଯଦି ମଣିଷ ନ ହେବ' ଅକାଳେ ବୁଡିବ ଭେଳା ।

ନିର୍ମଳ ହୃଦୟେ, ଆକୁଳ କଣ୍ଠରେ, କର ଆତ୍ମ-ସମର୍ପଣ,

"ଏ ଜୀବ-ଜଗତ, ମରଣ ମୁହଁରେ" ରକ୍ଷା କର ନାରାୟଣ ।

*****

ଚାଉଳିଆଗଞ୍ଜ, କଟକ



# ମୋ କବିତାର ରୂପସୀ



ସତ୍ୟ ରଞ୍ଜନ ମିଶ୍ର

ଭାବିଥିଲି, ତୁ ବୋଧେ ସେ

ପୋଖରୀ ତୁଠର

ସ୍ଥିର- ନିରିମଳ

ଜଳ କଣିକାରୁ ବୁନ୍ଦେ..

କିନ୍ତୁ ତୁ ତ ବାଦଲରେ ଲୁଚିଥିବା

ଅସରନ୍ତି ବାରିଧାରା ପରି

ସମୁଦ୍ର ରୂପକ ମୋ ମନେ

ଅଦିନେ ଗଲୁ ବରଷି...

ଭାବିଥିଲି ତୁ ବୋଧେ ସେ

ବସନ୍ତେ ପ୍ରବାହିତ

ଧୀର - ସୁଶୀତଳ

ପବନ କଣିକା ଥୋକେ...

କିନ୍ତୁ ତୁ ମୋ ପ୍ରଶ୍ୱାସେ ମିଶିଯାଇ

ଏ ଶରୀରେ ଅବିରତ

ସ୍ପନ୍ଦିତ ଓ କମ୍ପିତ

ହୃଦୟରେ ଗଲୁ ବସି...

ଭାବିଥିଲି ତୁ ବୋଧେ ସେ

ଅନ୍ଧାରି ବନସ୍ତର

ଅସ୍ଥିର ଚୁଲୁବୁଲି

ଜୁଳୁଜୁଳିଆ ପୋକ ଗୋଟେ...

କିନ୍ତୁ ତୁ ଯେ ଆସି ଉଇଁଗଲୁ

ମୋ ଜୀବନ ଆକାଶେ

ହେଇ ପୁନେଇ ରାତିର

ହଳଦୀ ମୁହିଁ ଶଶି...

ଭାବିଥିଲି ତୁ ବୋଧେ ସେ

ଜୀବନ ନାଟକର

ସୁନ୍ଦରୀ ନାୟିକାଟି

ଯେଉଁଠି ମୁଁ ହେଲି ନାୟକ..

କିନ୍ତୁ ତୁ ଯେ ପାଲଟି ଗଲୁ

ମୋ କଲମୁ ନିର୍ଗତ

ଅଗଣିତ ପ୍ରେମମୟ

କବିତାର ରୂପସୀ...

*****

ବିରିଡି, ଜଗତସିଂହପୁର

# ମୁଠାଏ ପଖାଳ



ଅଶ୍ୱିନି କୁମାର

ମୁଁ ଏ ମାଟିର ଚଷା ପୁଅ
ସାରା ସମାଜକୁ ଯୋଗାଏ
ଅନ୍ନର ଆସର ।
ହେଲେ ମୁଁ ଗଣ୍ଡେ ଖାଇ
ଦଣ୍ଡେ ବଞ୍ଚେ,
ମୋ ମେରୁଦଣ୍ଡକୁ ଦିଏ ଭାଙ୍ଗି
ଦାରିଦ୍ରତାର ପ୍ରହାର ।
ତଥାବି ମୁଁ ସ୍ୱାଭିମାନୀ ।
ମୁଁ ମାଟିର ମଣିଷ

ମୋ ରକ୍ତକୁ ପାଣି ଛଡାଇ
ପୋଷେ ଏ ଜଗତ ।
ଲୋଡି ନାହିଁ କେବେ
ସୁମିଷ୍ଟ ପଲାଉ ବିରିୟାନି ଭାତ ।
ମୁଁ ଏତିକି ଚାହେଁ
ମିଳୁଥାଉ ମତେ ପ୍ରତିଟି ସକାଳେ ।
ମୋ ଅମୃତ ତୁଲ୍ୟ ମୁଠାଏ ପଖାଳ ।

ମୁଁ ଖଟିଖିଆ, ଦିନ ମଜୁରିଆ ।
ମୁଣ୍ଡ ଝାଳ ତୁଣ୍ଡେ ମାରି
ସହିଯାଏ ଶୀତ କାକର,
କେତେ ଝାଞ୍ଜିଖରା ।
ତୁମେ ତ ନିତି ଖାଅ ବାବୁ
ସୁମିଷ୍ଟ ଆହାର,
ହେଲେ ମୋ ପାଇଁ
ମାଣ୍ଡିଆ ପେଜ ତୋରାଣି ସାହାରା ।

ବାବୁ !

ମୁଁ ହୋଇପାରେ ଗରିବ ।

ହେଲେ କାହା ଆଗେ କେବେ

ବଢ଼ାଇନି ହାତ ।

କର୍ମକରି ପୋଷେ କୁଟୁମ୍ବ ଜଞ୍ଜାଳ,

ତୁମ ସୁସ୍ୱାଦୁ ବ୍ୟଞ୍ଜନଠୁ

ଶହେ ଗୁଣ ଭଲ

ମୋ ମୁଠାଏ ପଖାଳ ଭାତ ।

ହେ ପାଠକେ

ଆଜିବି ଅନେକ ଲୋକ

ଅନାହାରେ କାଟୁଛନ୍ତି ଦିନ ।

ଦାରିଦ୍ରତାର କଷାଘାତ

କରେ କବଳିତ,

ମୁଠାଏ ଦାନା ବି

ତାଙ୍କ ପାଇଁ ସାତ ସପନ ।

ହେ ବନ୍ଧୁ

ଦରଦୀ ହୃଦୟେ ବଢ଼ାଅ

ସହଯୋଗର ହାତ ।

ପ୍ରତି ତୁଣ୍ଡକୁ ମିଳୁଥାଉ

ଓଡ଼ିଆର ପ୍ରିୟ ଖାଦ୍ୟ

ମୁଠାଏ ପଖାଳ ଭାତ ।

*****

ଚକଲାପଦର,

ଝରିଗାଁ, ନବରଙ୍ଗପୁର

# ପିତୃତ୍ୱ



ହୃଦୟାନନ୍ଦ ପଧାନ

ପୂର୍ଣ୍ଣହେଲା ମୋ ଜୀବନେ
ଆଜି  ପିତୃତ୍ୱ ତୋ ପାଇଁ
ପାଇଲି ମୁଁ ବାପା ହେବାର ସୌଭାଗ୍ୟ
ଦେଖିଥିଲି କେତେ ସ୍ୱପ୍ନ ତୋ ପାଇଁ
କେତେଦିନ କେତେରାତି ।

ତୋ ଆଗମନେ ଉଜ୍ଜଳ ହେଲା
ମୋ ଜୀବନ ସଳିତା
ଆରମ୍ଭ କଲୁ ଏକ ନୂତନ ଅଧ୍ୟାୟ
ଯାହାର ଅନ୍ୟ ନାଁ ସତେ କି "ପିତୃତ୍ୱ" ?

ପଥହରା ବାଟୋଇଟେ ପରି
ମୁଁ ଭୁଲି ଯାଇଛି
ଏ ଜୀବନ ଯନ୍ତ୍ରଣାର
ନିର୍ମମ ଚଲାପଥର, କଣ୍ଟକିତ
ପଥପ୍ରାନ୍ତ ରାସ୍ତା
ତୋ ଆଗମନ ଦେଖି ।

ଆଜିକିନ୍ତୁ ପାଇଛି ତୋ ଠିକଣା
ତୋ ପରିଚୟ, ତୋ ସ୍ନେହ ପ୍ରେମ
ମମତାର ଅତୁଟ ବନ୍ଧନର ସଂମ୍ପର୍କ
ଏ ଧରିତ୍ରୀ ଭୂଇଁରେ ।

ତୁ ଯେବେ ଭୂମି ସ୍ପର୍ଶକଲୁ
ମୋ ହୃଦୟ ଆନନ୍ଦେ ଭରିଗଲା
ଖୁସିରେ ମୁଁ କାନ୍ଦିଥିଲି
ମୋ ଆଖିରୁ ଦିଧାର ଅଶ୍ରୁ

ବି ଗଢ଼ି ଯାଇଥିଲା ।

ମୋ ହୃଦୟ କୋଣରେ
କାହିଁକି କେଜାଣି ସୃଷ୍ଟି ହେଲା
ଏକ ନୂତନତ୍ୱ ଆଭା
ତୋ ଆସିବାର ଆଗମନ ଦେଖି ।

ସତରେ ଆଜି ମୁଁ ଅନୁଭବ କରୁଛି
ଏ ନୂତନ ଆଭାର ଅର୍ଥ କ'ଣ ?
ପଚାରିଲି ବାରମ୍ବାର ନିଜ ମନକୁ
ପାଇଲିନି ତାର ଉତ୍ତର ।

ଶେଷରେ ତୁ ଦେଲୁ ତାର ଉତ୍ତର
ପରିପୂର୍ଣ୍ଣ କରିଛି ମୋ ଜୀବନର ଶୂନ୍ୟସ୍ଥାନ
ଯାହା ମୁଁ ଅନୁଭବ କଲି
ଏଇଟା ହିଁ ପିତୃତ୍ୱ ।

*****

ବୀରମହାରାଜପୁର, ସୁବର୍ଣ୍ଣପୁର

# ଭଲର ପରିଭାଷା



ଶ୍ରୀମତୀ ଚିନ୍ମୟୀ ମିଶ୍ର

ସ୍ରଷ୍ଟାଙ୍କ ସୃଷ୍ଟିରେ ସର୍ବଶ୍ରେଷ୍ଠ ଓ ସର୍ବଶେଷ ମନୁଷ୍ୟ ଅନ୍ୟ ପ୍ରାଣୀମାନଙ୍କ ଠାରୁ ସମ୍ପୂର୍ଣ୍ଣ ରୂପେ ଭିନ୍ନ । ଈଶ୍ୱର ଯେତେବେଳେ ମନୁଷ୍ୟ ମାନଙ୍କୁ ସୃଷ୍ଟି କଲେ, ସେତେବେଳେ ସେମାନଙ୍କର ଅନ୍ତଃକରଣରେ ହସକାନ୍ଦ, ସୁଖଦୁଃଖ, ଧର୍ମଅଧର୍ମ, ନ୍ୟାୟଅନ୍ୟାୟ, ସତ୍ୟମିଥ୍ୟା, ନୀତିଅନୀତି ଏବଂ ଭଲମନ୍ଦ ପ୍ରଭୃତି ଯୁଗ୍ମଶବ୍ଦ ବିଶିଷ୍ଟ ବିଭିନ୍ନ ଗୁଣ ରୂପକ ବୀଜ ଗୁଡିକ ବୁଣି ଦେଇଥିଲେ । ଏହି ଯୁଗ୍ମଶବ୍ଦ ଗୁଡିକରେ ଲୁଚି ରହିଥିବା ଶ୍ରେୟ ଗୁଣ ଗୁଡିକୁ ଆଧାର କରି ମାନବ ମନୁଷ୍ୟ ପଦବାଚ୍ୟ ହୋଇ ନିଜ ଜୀବନକୁ ସାର୍ଥକ କରିପାରିଛି ।ସେଥିପାଇଁ ମନୁଷ୍ୟକୁ "ଜନ୍ତୁନାଂ ନରଜନ୍ମ ଦୁର୍ଲ୍ଲଭଂ" ବୋଲି କୁହାଯାଇଛି ।

ପ୍ରକୃତରେ ଏହି ତିନିଗୋଟି ଶବ୍ଦ ବିଶିଷ୍ଟ ବାକ୍ୟଟିକୁ ବିଶ୍ଳେଷଣ କଲେ ତାହା ଅକ୍ଷରେ ଅକ୍ଷରେ ସତ୍ୟ ବୋଲି ପ୍ରମାଣିତ ହୋଇଛି । ତେବେ ମନ ମଧ୍ୟରେ ପ୍ରଶ୍ନ ଉଠେ ଯେ, ମନୁଷ୍ୟ ଶ୍ରେୟ ଗୁଣ ଗୁଡ଼ିକ ମଧ୍ୟରୁ ବିଶେଷତଃ କେଉଁ ଗୁଣ ଗୁଡିକୁ ଆଧାର କଲେ, ସେ ସର୍ବ ଗୁଣର ଅଧିକାରୀ ହୋଇପାରିବ ? ପ୍ରଶ୍ନର ଉତ୍ତରରେ ମୁଁ ଏତିକି କହିବି ଯେ, ଯେଉଁ ମନୁଷ୍ୟ ମାନଙ୍କ ମଧ୍ୟରେ "ଭଲ" ଶବ୍ଦ ରୂପକ ଗୁଣ ପରିପୂର୍ଣ୍ଣ ହୋଇ ରହିଥାଏ, ସେହି ମନୁଷ୍ୟ ମାନେହିଁ ସର୍ବଗୁଣର ଅଧିକାରୀ ହୋଇ ଈଶ୍ୱରଙ୍କର ପ୍ରିୟପାତ୍ର ହୋଇଥାନ୍ତି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ବାସ୍ତବିକ ଆମେ କାହାକୁ ଭଲବୋଲି କହିବା ? ଏବଂ କେଉଁମାନେ ଭଲ ଶବ୍ଦର ଉପାଧି ପାଇଁ ଯୋଗ୍ୟ, ତାହାହିଁ ଉକ୍ତ କବିତାଟିର ବିଷୟବସ୍ତୁ ।

ବିଶ୍ୱ କାରିଗର ହାତେ ଗଢ଼ା ଏ ସଂସାର
ନୁହେଁ ସେ ଚିଡ଼ିଆଖାନା ନୁହେଁ ଖେଳଘର ।
ଭଲମନ୍ଦ, ସୁଖଦୁଃଖ, ସଭିଙ୍କୁ ମିଶାଇ
ସୁନ୍ଦର ସଂସାରଟିଏ ଗଢିଛନ୍ତି ସାଇଁ ।

ଯେହୁ କହୁଥାଏ ସଦା ମଧୁର ବଚନ
ସେହୁ ଭଲ କିଣିନିଏ ସବୁରିଙ୍କ ମନ ।
କାହା ମନେ କେବେ ଯେହୁ ଦିଏ ନାହଁ ଦୁଃଖ
ଦୁନିଆଁରେ ଜଣାଯିବ ସେହୁ ଭଲଲୋକ ।
ଯେଉଁ ବନ୍ଧୁ ବିପଦରେ ସାହା ହୋଇଥାନ୍ତି
ସେହି ବନ୍ଧୁ ଭଲ ବୋଲି ଜଗତେ କହନ୍ତି ।
ଯେଉଁ ନାରୀ ସଦାକାଳେ ପତି ସେବାକରେ
ସେହି ନାରୀ ଭଲ ବୋଲି ଜାଣନ୍ତି ସଂସାରେ ।
ଯେଉଁ ବୋହୂ କରେ ଶାଶୁ ଶ୍ୱଶୁରଙ୍କ ସେବା
ସେହି ବୋହୂ ଭଲ ବୋଲି ନିଶ୍ଚୟ ଜାଣିବା ।
ପିତା ମାତାଙ୍କର ସେବା ଯେଉଁ ପୁଅକରେ
ସେହି ପୁଅ ଭଲ ବୋଲି କହନ୍ତି ସଂସାରେ ।
ଯେଉଁ ଭାଇ ଭଉଣୀକୁ ସଦା ସ୍ନେହ ଦିଏ
ସେହି ଭାଇ ଭଲ ବୋଲି ଭଉଣୀ ଯେ କହେ ।

ପାଠବେଳେ ପାଠ ପଢେ ଖେଳବେଳେ ଖେଳେ

ଏହି କଥା ମାନେ ଯିଏ, ସେହି ପିଲା ଭଲ ।

ପରସ୍ପର ସ୍ନେହ ଶ୍ରଦ୍ଧା ଥାଏ ଯେଉଁ ଘରେ

ସେହି ଘରକୁ କହନ୍ତି ଭଲ ପରିବାର ।

ଯେଉଁ ଚାଷୀ ବର୍ଷସାରା ଚାଷ କାମକରେ

ସେହି ଚାଷୀ ଭଲବୋଲି କହନ୍ତି ସଂସାରେ ।

ନୀତି ନିୟମକୁ ମାନି ଚାଲୁଥାଏ ଯିଏ

ପାଦେକଣ୍ଟା ଫୁଟେ ନାହିଁ ଭଲ ଲୋକ ସିଏ ।

ଗୀତା ଭାଗବତ ଯିଏ ପଢୁଥାଏ ନିତି

ସେହି ଲୋକ ଭଲ ବୋଲି ସଭିଏଁ ଜାଣନ୍ତି ।

ଯେଉଁ ପୋଖରୀରେ ବର୍ଷସାରା ରହେଜଳ

ସମସ୍ତେ କହନ୍ତି ସେହି ପୋଖରୀ ଯେ ଭଲ ।

ଯେଉଁ ଝରଣାରୁ ଝରୁଥାଏ ସ୍ୱଚ୍ଛଜଳ

ସଭିଏଁ କହନ୍ତି ସେହି ଝରଣା ଯେ ଭଲ ।

ସବୁ ଫୁଲରେ କେବେହେଁ ମହକ ନଥାଏ
ମହକିବା ଫୁଲ ଭଲ ପାଆନ୍ତି ସଭିଏଁ ।
ଦୁଇଗୋଟି ଶବ୍ଦ ସିନା ଭଲ ଆଉ ମନ୍ଦ
ମନ୍ଦ ଶବ୍ଦେ ଦୁଃଖ ମିଳେ ଭଲରେ ଆନନ୍ଦ ।
ଭଲଯିଏ ସବୁଠାରେ ପାଏ ସେ ଆଦର
ଭଲ ଲୋକକୁ ମିଳଇ ଭଲ ଉପହାର ।
ମନ୍ଦ ବୁଦ୍ଧି ଛାଡି ଭଲ କାମେଦେଲେ ମନ
ଭଲ ଲୋକକୁ ମିଳିବ ମାନ ସନମାନ ।
ଭଲଶିକ୍ଷା ଦେବାପାଇଁ ଯାହାକୁ ଭାବିବ
ନିଜେ ଭଲହୋଇ ତାକୁ ଭଲ ଶିକ୍ଷା ଦେବ ।
ନିଜେ ଭଲହେଲେ ଭଲ ହେବ ଏ ଦୁନିଆଁ
ଭଲ ଶବ୍ଦରେ ପୂରି ରହିଛି କିମିଆ ।
ଭଲକୁହ, ଭଲଶୁଣ, ଭଲକଥା ଦେଖ
ବାପୁଜୀଙ୍କ ଉପଦେଶ ସଦା ମନେରଖ ।


ଭଲ ହେବା ପାଇଁ ସଦା କରିବା ଶପଥ

ଭଲହେଲେ ସାହା ହେବେ ପ୍ରଭୁ ଜଗନ୍ନାଥ ।

*****

ପ୍ରାଚୀ ବିହାର, ପଳାଶୁଣି,

ଭୁବନେଶ୍ୱର



# ଗଦ୍ୟ ବିଭାଗ




**ଆସନ୍ତୁ ସମସ୍ତେ ମିଳିମିଶି କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା**

# ଅଦୃଶ୍ୟ ପ୍ରେମିକା



ରୋଜା ପଣ୍ଡା

ମୋହନ ଆଜି ବି ଦେଖୁଛି ସେଇ ଦୃଶ୍ୟ, ତାର ସେଇ ଅଦୃଶ୍ୟ ପ୍ରେମିକାର ଦୃଶ୍ୟ । କେବେ ସ୍ୱପ୍ନରେ ତ ପୁଣି କେବେ ସତସତିକା ତା'ର ଆଖି ସାମ୍ନାରେ । ମୋହନର ପ୍ରେମିକା ରେଶ୍ମା ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ । ଖୁବ ଭଲ ପାଠପଢେ । ମୋହନ ସହିତ ରେଶ୍ମାର ପ୍ରଥମ ଦେଖା ହେଇଥିଲା ରେଶ୍ମା ପଢୁଥିବା କଲେଜରେ । ସେଇ କଲେଜରେ ମୋହନ ଫିଜିକ୍ସ ପଢାଏ । ରେଶ୍ମା ଫିଜିକ୍ସ ଖୁବ ଭଲ ଭାବରେ ବୁଝିପାରୁଥିଲା ଏବଂ ନବୁଝିପାରୁଥିବା ପିଲାଙ୍କୁ ମଧ୍ୟ ବୁଝେଇ ଦେଉଥିଲା । ଏସବୁ ଦେଖି ମୋହନ ଧୀରେ ଧୀରେ ରେଶ୍ମାକୁ ଭଲ ପାଇବାରେ ଲାଗିଲା । ଦୁଇଜଣଙ୍କର ସମ୍ପର୍କ ନିବିଡ ହେବାକୁ ଲାଗିଲା ।

କିନ୍ତୁ ସବୁବେଳେ ରେସ୍ମା ମୋହନ ସାମ୍ନାରେ ଅଦୃଶ୍ୟ ଥାଏ । ପାଖରେ ଥାଇବି ମୋହନ ରେସ୍ମାକୁ ଦେଖି ପାରେନାହିଁ । ମୋହନ ବହୁତ ଚେଷ୍ଟା କରେ ରେସ୍ମାକୁ ଦେଖିବାପାଇଁ । କିନ୍ତୁ ତାର ସବୁ ଚେଷ୍ଟା ବ୍ୟର୍ଥ ଯାଏ । ତଥାପି ସେ ରେସ୍ମାକୁ ବହୁତ ଭଲପାଏ । ଦୁହେଁ ମିଶି ବୁଲନ୍ତି, ଗୁପଚୁପ୍ ଖାଆନ୍ତି, ଆଇସକ୍ରିମ ଖାଆନ୍ତି । ମୋହନ ମଧ୍ୟ ରେସ୍ମା ପ୍ରେମରେ ଏତେ ପାଗଳ ଥାଏ ଯେ ସେ ନିଦରେ ଶୋଇବା ସମୟରେ ମଧ୍ୟ ରେସ୍ମାକୁ ସ୍ୱପ୍ନ ଦେଖେ ମାତ୍ର ସ୍ୱପ୍ନରେ ମଧ୍ୟ ରେସ୍ମାର ସେଇ ଅଦୃଶ୍ୟ ରୂପ । ଏମିତିରେ ଦୁଇ ବର୍ଷ ବିତିଯାଇଥାଏ । ରେସ୍ମା ପାଠପଢ଼ା ଶେଷକରି ବିଦେଶ ବାହାରିଲା ଚାକିରୀ ଅନୁସନ୍ଧାନରେ । କିଛିଦିନ ପରେ ରେସ୍ମାକୁ ଏକ ସରକାରୀ ଚାକିରୀ ମିଳିଲା । ଏପଟେ ମୋହନ ରେସ୍ମାର ବିଚ୍ଛେଦରେ ଖୁବ ଭାଙ୍ଗିପଡିଥାଏ । ମନରେ ଖୁବ ଭୟ ଜାତ ହେଉଥାଏ । ନାନା ପ୍ରକାର ଦୁଶ୍ଚିନ୍ତା । କାଳେ ରେସ୍ମା ବିଦେଶରେ ରହି ତାକୁ ଭୁଲିଯାଇଥିବ । ନୂଆ ନୂଆ ସାଙ୍ଗମାନଙ୍କୁ ପାଇ ଏଇ ମୋହନ କଥା ତାର ଆଉ ମନେନଥିବ । ବଡ ଚାକିରୀ କରିଛି । ବଡ଼ବଡ଼ ଲୋକଙ୍କ ସହିତ ମିଶୁଥିବ,

ଏମିତି ଅନେକ ଦୁଶ୍ଚିନ୍ତା । ପୂଜା ଛୁଟି ଆସିଗଲା । ରେଶ୍ମା ଗାଁକୁ ଆସିଛି । ମୋହନ ଖୁବ ଖୁସି ଅଛି । ସେ ଭାବିଛି ଆଉ ଡେରି ନକରି ରେଶ୍ମାକୁ ବାହାଘର ପ୍ରସ୍ତାବ ଦେବ । ରେଶ୍ମା ମଧ୍ୟ ମୋହନକୁ ଦେଖା କରିବାପାଇଁ ଆସିଲା । ମୋହନକୁ କହିଲା - ବହୁତ ଦିନ ପରେ ଦେଖା ହେଲା । କେମିତି ଅଛ ମୋହନ ? ମୋହନ ଅଭିମାନଭରା କଣ୍ଠରେ ଉତ୍ତର ଦେଲା - ବିଲକୁଲ ଠିକ୍ ନାହିଁ । ତମେ ଏତେଦିନ ହେବ ମତେ ପୁରାପୁରି ଭୁଲିଯାଇଥିଲ । ଆଉ ସେତେବେଳେ ବି ମୋ ସାମ୍ନାରେ ଅଦୃଶ୍ୟ ରହୁଥିଲ, ଏବେବି ସେଇ ଅଦୃଶ୍ୟ । ମୁଁ କ'ଣ ତୁମକୁ କେବେ ଦେଖିପାରିବିନି ? ରେଶ୍ମା ଏସବୁ ଶୁଣି ଖୁବ୍ ଜୋରରେ ହସିବାକୁ ଲାଗିଲା । ମୋହନ କହିଲା ମୁଁ ଆଉ ଅପେକ୍ଷା କରିପାରିବିନି । ଚାଲ ଆମେ ବିବାହ ବନ୍ଧନରେ ବାନ୍ଧିହେଇ ନୂଆ ଜୀବନ ଆରମ୍ଭ କରିବା । ରେଶ୍ମା ଏସବୁ ଶୁଣି ଟିକେ ଆଶ୍ଚର୍ଯ୍ୟ ହେଇଗଲା । କାରଣ ରେଶ୍ମା ନିଜର ଅଦୃଶ୍ୟତାର କାରଣ ଭଲ ଭାବରେ ବୁଝିସାରିଥିଲା ହେଲେ ମୋହନକୁ ବୁଝେଇ ପାରୁନଥିଲା । ମୋହନ ବି ରେଶ୍ମାର ଏପରି ଅଦୃଶ୍ୟ ରହିବାର

କାରଣ ଜାଣି ପାରୁନଥିଲା । ମୋହନ ରେଶ୍ମାକୁ ବିବାହ ପ୍ରସ୍ତାବ ଦେଇ ଚାଲିଗଲା ଏବଂ ନିଜ ବାପା ଓ ମାଆଙ୍କୁ ମଧ୍ୟ ରେଶ୍ମା ବିଷୟରେ ସବୁ କହିଲା । ରେଶ୍ମାକୁ ବିବାହ କରିବାକୁ ଇଚ୍ଛା ପ୍ରକାଶ କରୁଥିବା ମୋହନକୁ ତାର ବାପା ଓ ମାଆ ରେଶ୍ମାକୁ ବିବାହ କରିବାକୁ ରୋକଠୋକ ମନା କରିଦେଲେ । ମୋହନ ପଚାରିଲା - ମୁଁ ରେଶ୍ମାକୁ ବିବାହ କଲେ ଅସୁବିଧା କ'ଣ ? ମୁଁ ତାକୁ ଭଲପାଏ । ଏସବୁ ଶୁଣି ମୋହନର ମାଆ ଉତ୍ତର ଦେଲେ - ତୁ କ'ଣ ତାକୁ ଦେଖି କିଛି ଜାଣିପାରୁନୁ ? ତା ଭିତରେ ଆଉ ଆମ ଭିତରେ କ'ଣ ତଫାତ ଦେଖିପାରୁନୁ । ଆମକୁ ଅସୁବିଧା ପଚାରୁଛୁ । ଏସବୁ ଶୁଣି ମୋହନ କହିଲା - ମୁଁ ତାକୁ କେବେ ଦେଖିନି । ସେ ମୋ ସାମ୍ନାରେ ସବୁବେଳେ ଅଦୃଶ୍ୟ । ହେଲେ ସେ ବି ମୋ ପରି ଜଣେ ମଣିଷ । ପଶୁ କି ପକ୍ଷୀ ନୁହେଁ । ମୋହନର ମାଆ କହିଲେ - ସେ କାହିଁକି ତୋ ସାମ୍ନାରେ ଅଦୃଶ୍ୟ ରହେ, ତୁ କ'ଣ ବୁଝିପାରୁନା ? ମୋହନ କହିଲା - ନା , ବୋଧହୁଏ ସେ ମତେ ଲାଜ କରେ । ମୋହନର ବାପା ଘରଭିତରେ ରହି ଏସବୁ ଶୁଣୁଥିଲେ । ସଙ୍ଗେ ସଙ୍ଗେ ମୋହନ ପାଖକୁ ଆସି ଏକ

କର୍କଶ ସ୍ୱରରେ କହିଲେ - ନା ସେ ଲାଜ କରେନି । ସେ ତୋ ସାମ୍ନାରେ ଅଦୃଶ୍ୟ ରହିବାର କାରଣ ତାର ବୁରଖା । ସେ ମୁସଲମାନ ଝିଅ । ସେଥିପାଇଁ ସେ ସବୁବେଳେ ବୁରଖା ପିନ୍ଧି ବୁଲେ । ସେଇଟା ସେମାନଙ୍କ ଧର୍ମ । ମୁସଲମାନ ଝିଅମାନେ ସାଧାରଣତଃ ନିଜ ମୁହଁ ଆଉ ଦେହକୁ ଢାଙ୍କିବା ପାଇଁ ବୁରଖା ପିନ୍ଧନ୍ତି । ଆଉ ତୁ ହିନ୍ଦୁ ବ୍ରାହ୍ମଣ । ସେଥିପାଇଁ ଜଣେ ମୁସଲମାନ ଝିଅକୁ ବିବାହ କରିବା ନିୟମ ବାହାରେ । ମୋହନ ବହୁତ ପାଠ ପଢିଥିଲା ସତ କିନ୍ତୁ ସେ ହିନ୍ଦୁ ଆଉ ମୁସଲମାନ ମଧ୍ୟରେ ଥିବା ପାର୍ଥକ୍ୟ ସବୁ ଏପର୍ଯ୍ୟନ୍ତ ବୁଝିନଥିଲା । ସେ କେବଳ ଏତିକି ଜାଣିଥିଲା ଯେ ମଣିଷ ସମସ୍ତେ ସମାନ । ମଣିଷମାନଙ୍କର ଗୋଟିଏ ଜାତି । ମଣିଷ ଜାତି । ସେ ବହିରେ ମଧ୍ୟ ପଢ଼ିଛି ଯେ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ । ହେଲେ ଆଜି ଏ କି ସଂସ୍କାର କଥା ମାଆ ଆଉ ବାପା କହୁଛନ୍ତି । ଏଇଟା ସଂସ୍କାର ନା କୁସଂସ୍କାର !

*****

ମଧୁପାଟଣା, କଟକ

# ମୁକ୍ତିର ସନ୍ଧାନ



ତ୍ରିଲୋଚନ ଦାସ

ସେଦିନର ଶେଷ ଦର୍ଶନାର୍ଥୀ ଯୁବକ ଜଣକ କହିଲେ, "ଗୁରୁଜୀ ! ମୋର ପ୍ରଶ୍ନଟି ଏକାନ୍ତ ବ୍ୟକ୍ତିଗତ" । ଗୁରୁଜୀ କହିଲେ, "ନିଃସଂକୋଚରେ ପ୍ରକାଶ କରିପାର, ଏଠାରେ ସମସ୍ତ ଗୋପନୀୟତା ସମ୍ପୂର୍ଣ୍ଣ ସୁରକ୍ଷିତ" । ଯୁବକ କହିଲେ, "ମୁଁ ଏକ ପ୍ରାଇଭେଟ୍ ଇନ୍ସ୍ୟୁରାନ୍ସ କମ୍ପାନୀରେ ମାର୍କେଟିଂ ଏକଜୁକ୍ୟୁଟିଭ୍ ଭାବେ କାମ କରେ । ଏଥିପାଇଁ ମୋତେ ପ୍ରାୟ ମାସର କୋଡିଏ ଦିନ ବାହାରେ ରହିବାକୁ ପଡେ । ପ୍ରାୟତଃ ମୋର ସବୁ କାମ ଟାର୍ଗେଟ୍ ଓରିଏଣ୍ଟେଡ୍ । ଅଫିସ୍ ପହଞ୍ଚିଲେ ପ୍ରଥମେ ପଞ୍ଜାବୀ ବସଙ୍କୁ ସାମ୍ନା କରିବାକୁ ପଡେ । ସେତେବେଳେ ତାଙ୍କର ନାଲି ଆଖି ଆଉ କଠୋର ବ୍ୟବହାର ଦେଖି ମୁଁ ନିଜକୁ ଅତ୍ୟନ୍ତ ଅସହାୟ ମନେ କରେ ।

ମନେହୁଏ, ଅଫିସ୍ ଯେମିତି ମୋ ପାଇଁ କଂସେଇଖାନା, ଆଉ ମୁଁ ଅସହାୟ ଭାବେ ନିଜ ପାଳିକୁ ଅପେକ୍ଷା କରି ରହିଥିବା ଗୋଟେ ନୀରିହ ଛେଳି । ଅପମାନ ଜର୍ଜରିତ ହୋଇ ଅଫିସରୁ ଘରକୁ ଫେରିଲେ ସାମ୍ନା କରେ ଆଉ ଗୋଟେ ବିପଦକୁ, ସେ ହେଲେ ମୋର ଧର୍ମପତ୍ନୀ । ଘରକୁ ପଶୁ ପଶୁ କୈଫିୟତ ଦେବାର ସାମାନ୍ୟତମ ସୁଯୋଗ ନ ଦେଇ ସେ ଆରମ୍ଭ କରିଦିଅନ୍ତି ବିଫଳ ସ୍ୱାମୀତ୍ୱ ପାଇଁ ଭର୍ତ୍ସନା । ସେତେବେଳେ ଭାବେ, ଭଦ୍ରମହିଳା ଜଣକ ମୋର ଗଣିତ ଶିକ୍ଷୟିତ୍ରୀ ଏବଂ ଗଣିତ ଖାତାରେ ମୁଁ ଯେମିତି ସାହିତ୍ୟ ଲେଖି ଦେଇ ଗୋଟେ ବଡ଼ ଅପରାଧ କରିଛି । ଏବେ ମୁଁ ଏକ ଫୁଟବଲ୍ ଭଳି ଦୁଇ ଗୋଲ ପୋଷ୍ଟ ଭିତରେ ପେଷି ହୋଇ ଅସହାୟ ଜୀବନ ଯାପନ କରୁଛି । ଦୟାକରି ମୋତେ ମୁକ୍ତିର ବାଟ ଦେଖାନ୍ତୁ" । ଗୁରୁଜୀ କିଛି ସମୟ ଚିନ୍ତା କରି କହିଲେ,"ବତ୍ସ ! ତୁମେ ସମୁଦ୍ରକୁ କେବେ ଖୁବ୍ ପାଖରୁ ଦେଖିଛ ? ଯୁବକ କହିଲେ,"ଆଜ୍ଞା"। ଗୁରୁଜୀ କହିଲେ, "ସମୁଦ୍ରର ଉତ୍ତାଳ ଲହରୀମାଳା

ଯେତେବେଳେ କ୍ଷୀପ୍ର ଗତିରେ କୂଳକୁ ମାଡ଼ି ଆସେ, ସେତେବେଳେ ଅତି ନିକଟରେ ଠିଆ ହୋଇଥିବା ଲୋକଟି ମନରେ ଭୟ ସଞ୍ଚାର ହୁଏ, ସତେ ଯେମିତି ଲହଡି ସହିତ ସେ ମଧ୍ୟ ଗଭୀର ସମୁଦ୍ରକୁ ଚାଲିଯିବ । କିନ୍ତୁ ତା' ସତ୍ତ୍ୱେ ବି ଲୋକେ ସମୁଦ୍ରକୁ ଭୟ ନ କରି ତାର ଅତି ନିକଟରେ ବସନ୍ତି, ତାର ଭୟଙ୍କର ରୂପ ଭିତରେ ଥିବା କମନୀୟତାକୁ ଉପଭୋଗ କରିବା ପାଇଁ । ଏବେ ମୋର ଉଦାହରଣକୁ ତୁମ ସମସ୍ୟା ସମାଧାନର ଏକ ପନ୍ଥା ଭାବେ ଗ୍ରହଣ କରିପାର । ଆଶା କରୁଛି, ତୁମେ ସେଥିରେ ସଫଳ ହେବ" । କିଛି ମାସ ପରେ ଗୁରୁଜୀଙ୍କୁ ଦ୍ୱିତୀୟ ଥର ସାକ୍ଷାତ କରିବାକୁ ଆସି ଯୁବକ ଜଣକ ପ୍ରାର୍ଥନା କଲେ, "ଗୁରୁଜୀ, ପୁଣି ଥରେ ଏକାନ୍ତରେ କଥା ହେବା ପାଇଁ ମୋତେ ଅନୁମତି ଦିଅନ୍ତୁ" । ଏଥର କିନ୍ତୁ ଯୁବକ ଜଣକ ଖୁବ୍ ପ୍ରଫୁଲ୍ଲ ଦେଖା ଯାଉଥିଲେ । ଗୁରୁଜୀ କହିଲେ, "ଠିକ୍ ଅଛି, ଭିତରକୁ ଆସ । ତୁମର ସଫଳତାର କାହାଣୀ ଶୁଣିବାକୁ ମୁଁ ମଧ୍ୟ ଉତ୍ସୁକ "। ତା'ପରେ ଯୁବକ ଜଣକ ନିଜ ସମସ୍ୟାର ସମାଧାନ ନିଜେ କିପରି

କରିପାରିଛନ୍ତି, ତାହାର ଏକ ବିସ୍ତୃତ ବିବରଣୀ ଦେଇ ଯାହା କହିଲେ, ତାହା ଥିଲା ଏହିପରି:-

ଗୁରଜୀଙ୍କୁ ସାକ୍ଷାତ କରି ଫେରିବା ପରଦିନ ଅଫିସରେ ପହଞ୍ଚିବା ବେଳକୁ ସିଧା ଡାକରା ଆସିଲା ଭିତରୁ । କୌଣସି ପ୍ରସଙ୍ଗ ନ ଥାଇ ପଞ୍ଜାବୀ ବସ୍ ଜଣକ ସିଧା ତାଙ୍କ ଉପରେ ବର୍ଷିଗଲେ । ତତକ୍ଷଣାତ୍ ତାଙ୍କର ମନେ ପଡିଲା ଗୁରୁଜୀଙ୍କ ମନ୍ତ୍ର, ରୌଦ୍ରତାର ଅନ୍ତରାଳରେ କମନୀୟତା । ସେ କିଛି ନ କହି ଅତି ସହଜ ଭାବରେ ବସଙ୍କ ମୁହଁକୁ ବଲବଲ କରି ଚାହିଁ ରହିଲେ । ଆଃ ! କି ଚମତ୍କାର ତାଙ୍କର ସେ ବାଘୁଆ ନିଶ ! ଉପରକୁ ଉଠିବା ଆଉ ପଡିବା ଭିତରେ କି ଅପୂର୍ବ ସମନ୍ୱୟ ! ପ୍ରତିଟି ବାକ୍ୟର ଲହରୀରେ ତାଙ୍କ ନିଶର ଦୁଇ ପଟ କାନ ପର୍ଯ୍ୟନ୍ତ ଉଠି ଯାଉଛି, ଆଉ ପଡିବା ବେଳେ ତାର ଛନ୍ଦରେ କି ଏକ ଅବ୍ୟକ୍ତ ମୂର୍ଚ୍ଛନା ସୃଷ୍ଟି କରୁଛି । କିଛି ସମୟ ପରେ, ଘଡଘଡି ସହ ବର୍ଷା ହୋଇ ଆକାଶ ଯେମିତି ନିର୍ମଳ ଓ ସୁନ୍ଦର ଦେଖା ଯାଏ, ବସ୍ ସେହିଭଳି ଖୁବ୍ ସୁନ୍ଦର

ଦିଶିଲେ । ବସ୍ ବୋଧହୁଏ କିଛି ଭାବିଲେ । ତା'ପରେ କହିଲେ, "ଆମ ସେକ୍ଟରରେ ହାରାହାରି ହିଟ୍ ରେଟ୍ ୧୬ ରୁ ୧୮% ରହିଥିବା ସତ୍ତ୍ୱେ ଆମକୁ ଲକ୍ଷ୍ୟ ହାସଲ ପାଇଁ ଧୈର୍ଯ୍ୟ ଓ ନିଷ୍ଠାର ସହିତ କାମ କରିବାକୁ ପଡିବ । ଆଶା କରେ ତୁମକୁ ଆଉ କିଛି କହିବାର ଆବଶ୍ୟକତା ନାହିଁ" । ତା' ପରଠୁ ବସଙ୍କ ସହିତ ସେ ସହଜ ହୋଇ ଯାଇଛନ୍ତି । ସେହି ଦିନ ଘରକୁ ଫେରି ଦରଜାର ଘଣ୍ଟି ବଜାଇଲା ବେଳକୁ ସମାର୍ଜନୀ ହସ୍ତେ ଶ୍ରୀମତୀ ଉପଗତ ହେଲେ ଆଉ ଗୃହ ପ୍ରବେଶ କରିବାକୁ ଫୁରସତ୍ ନ ଦେଇ ଆରମ୍ଭ କରିଦେଲେ ତାଙ୍କ ବକ୍ତୃତା । ଗୁରୁଜୀଙ୍କ କଥା ତାଙ୍କର ମନେ ପଡିଲା, ରୌଦ୍ରତାର ଅନ୍ତରାଳେ ବି କମନୀୟତା । ସ୍ତ୍ରୀ ତାଙ୍କର ମାଟ୍ରିକ ପାସ୍ କରିଥିବା ଗୋଟେ ଗାଉଁଲି ଝିଅ । କିନ୍ତୁ ଆଜି କି ଓଜସ୍ୱିନୀ ଭାଷଣ ତାଙ୍କର ! ଚମତ୍କାର ତାଙ୍କର କମୁନିକେଶନ୍ ସ୍କିଲ୍ ! ସେଥିରେ ଅଛି ବିରାମ, ସ୍ଥାନ, ବିରାମଚିହ୍ନ, ଭଏସ୍ ମଡ୍ୟୁଲେସନ୍, ଖୋଲା ଷ୍ଟେଟମେଣ୍ଟ, ବନ୍ଦ ଷ୍ଟେଟମେଣ୍ଟ, ଫନେଲ ଟେକ୍ନିକ୍ୟୁ, ଏକାଧିକ ବିରତି, ନିରସ୍ତ୍ରୀକରଣ

ଟେକ୍ନିକ୍ୟୁ ଆଉ ପୂର୍ବ-ଶୂନ୍ୟ ଷ୍ଟ୍ରାଇକ୍, ଆଜି ତାଙ୍କ କଥାରେ ଯେମିତି ଏକ ସ୍ୱତନ୍ତ୍ର ଚମକ । ଭାବିଲେ, ଏପରି ଏକ ବିଦୂଷୀ ମହିଳାଙ୍କୁ ଆଜି ପର୍ଯ୍ୟନ୍ତ ସେ ଅବହେଳା କରି ଆସିଛନ୍ତି । ଏବେ ସେ ଗୃହ ମଧ୍ୟକୁ ପ୍ରବେଶ କଲେ ଆଉ କୋମଳ ସ୍ୱରରେ କହିଲେ, "ପ୍ରିୟେ ! ମୁଁ ଏ ପର୍ଯ୍ୟନ୍ତ ତୁମ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନି ନ ପାରି ମସ୍ତ ବଡ଼ ଭୁଲ୍ କରିଛି, ସେଥିପାଇଁ ମୋତେ କ୍ଷମା କରିଦିଅ "। ନିଆଁ ଲାଗିଥିବା କାଠ ଖଣ୍ଡରେ ପାଣି ପଡିଲା ପର ଅବସ୍ଥା ଭଳି ହଠାତ ଶ୍ରୀମତୀ ଯେମିତି ଧପ୍ କରି ଲିଭିଗଲେ ଆଉ ତାଙ୍କ ଆଖି ଦୁଇଟି ତାଳୁ ଉପରକୁ ଉଠିଗଲା । କଅଁଳେଇ କହିଲେ, "ତୁମେ ବାହାରୁ ଥକା ହୋଇ ଫେରିଛ, ଫ୍ରେସ୍ ହୋଇ ଆସ, ତୁମ ପାଇଁ ମୁଁ କଫି କରୁଛି" । ତା ପରେ ଏବେ ସବୁଦିନ ଅଫିସରୁ ଫେରିବା ବେଳକୁ ଚା' ବା କଫି କପ ସହିତ ଶ୍ରୀମତୀ ମୋତେ ସ୍ୱାଗତ କରୁଛନ୍ତି । ଏତିକି କହିସାରି ଯୁବକ ଜଣକ ଗୁରୁଜୀଙ୍କ ପାଦ ସ୍ପର୍ଶ କରି କହିଲେ, "ହେ ମହାଭାଗ ! ମୋତେ ଆଶୀର୍ବାଦ କରନ୍ତୁ, ମୁଁ ଯେମିତି ଆପଣଙ୍କ ଉପଦେଶ କେବେ ବି ଭୁଲି ନ ଯାଏ" ।

*****

ଭୁବନେଶ୍ୱର

# ମି - ଠୁ



ସୁନିତା ସାହୁ

ଶୀତତାପ ନିୟନ୍ତ୍ରିତ କୋଠରୀରୁ ଧଇଁ ସଇଁ ହୋଇ ବାହାରି ଆସିଲା ଲତିକା, ଦେହସାରା ଝାଳ ଭର୍ତ୍ତି । ସେ ଅଫିସ୍ ଭିତରୁ ଏକପ୍ରକାର ଧାଇଁ ଆସିଥିଲା । ଅଟୋଟିଏ ଭଡା କରି ଘରେ ପହଞ୍ଚିଲା, ପାଞ୍ଚ କିଲୋମିଟର ବାଟ କେମିତି ଆସିଲା ଜାଣି ପାରି ନ ଥିଲା । ଘରେ ପହଞ୍ଚି ଧଡ୍ କରି ଦରଜା ବନ୍ଦ କରି ସୋଫା ଉପରେ ଲଥ୍ କରି ବସିପଡିଲା, ଏବେବି ଛାତିଟା ଧଡଧଡ ହେଉଛି । କୋହ ପରେ କୋହ, ଲୁହ ଆଉ ନିୟନ୍ତ୍ରଣ ରେ ନ ଥିଲା, ଭୋ ଭୋ ହୋଇ କାନ୍ଦିଲା, ମନଭରି କାନ୍ଦିଲା । ମାଆ କୁହେ, କାନ୍ଦିଦେଲେ ମନଟା ହାଲକା ଲାଗେ, ଛାତି ତଳ କଷ୍ଟ କମିଯାଏ ।

ହେଲେ ଏ ଯେଉଁ କଷ୍ଟ କମିବ କେମିତି ! ଏ ତ ବଢ଼ିବାରେ ଲାଗିଛି । ନିଜକୁ ନିଜେ ଅଗଣିତ ପ୍ରଶ୍ନ କରୁଥିଲା ଲତିକା, ତା'ର ବା ଦୋଷ କ'ଣ ! କ'ଣ ସବୁ ଝିଅଙ୍କ ସହିତ ଏମିତି ହୁଏ ? କାହାକୁ କହିବି, କେମିତି କହିବି, କି ପ୍ରମାଣ ଦେବି ଇତ୍ୟାଦି ଇତ୍ୟାଦି.....। ଲତିକାକୁ ଭାରି ଅସ୍ତବ୍ୟସ୍ତ ଲାଗୁଥିଲା । ଓଃ..., ଭାରି ଘୃଣ୍ୟ ସେ ସ୍ପର୍ଶ । ଲୁହ ଟଳମଳ ଆଖିରେ ଆଇନା ସମ୍ମୁଖରେ ଛିଡ଼ା ହେଲା, ନିଜ ପ୍ରତିବିମ୍ବକୁ ଦେଖି ପୁଣି କାନ୍ଦିଲା । ଗାଧୁଆଘରକୁ ଯାଇ ସାୱାର ଖୋଲି ଛିଡ଼ା ହୋଇ ରହିଲା, ଯେମିତି ଦେହଟା ଅହେତୁକ ଭାବେ ମଇଳା ହୋଇ ଯାଇଛି । ତାକୁ ଇଚ୍ଛା ହେଉଥିଲା ତା ଦେହର ସେ ଅଂଶଗୁଡିକୁ କାଟି ଫିଙ୍ଗି ଦେବାକୁ, ଯେଉଁ ଅଂଶକୁ ମିଷ୍ଟର ଯାଦବ ସ୍ପର୍ଶ କରିଥିଲା । ଗାଧୁଆ ଘରୁ ବାହାରି ଶୋଇବା ଖଟ ଉପରେ ବସିଲା, ନା...ସେ ଗୋଟିଏ ଜାଗାରେ ଥୟଧରି ବସି ପାରୁନଥିଲା । ଘରଟା ସାରା ଚାଲିବାକୁ ଲାଗିଲା, ମନଟାକୁ ଆହୁରି ମନ୍ଥନ କରିବାକୁ ଲାଗିଲା । କାଳେ ତା'ର କିଛି ଭୁଲ ରହିଯାଇ ନାହିଁ ତ ! ସେ ତ ସହଜେ କାହାକୁ ଦେଖି ହସେନା, ଅଧିକ କଥା ବି କୁହେନା

ଛୋଟ ଡ୍ରେସ୍ ବି ତ ପିନ୍ଧି ନ ଥିଲା, ସେ ତ ସାଲୱାର୍ କମିଜ୍ ପିନ୍ଧି ଥିଲା । ତେବେ କାହିଁକି ? କେତେ ଖୁସି କେତେ ସ୍ୱପ୍ନ ନେଇ ଏତେ ବଡ ମେଟ୍ରୋ ସହରକୁ ଆସିଥିଲା ଚାକିରି କରିବାକୁ । ପ୍ରାଇଭେଟ୍ କମ୍ପାନୀରେ ଚାକିରୀ, ଭଲ ଦରମା । ଆଜି କାଲି ସବୁ ଝିଅ ଚାକିରି କରୁଛନ୍ତି, ତେଣୁ ବାପା ମା ମଧ୍ୟ ରାଜିଥିଲେ ।

ଲତିକାର ବସ୍, ମିଷ୍ଟର ଯାଦବ ଭାରି ମିଷ୍ଟଭାଷୀ । ଲତିକାର କାମରେ ଅତି ପ୍ରସନ୍ନ ଥିଲେ, ପ୍ରତି କାମ ପରେ ଲତିକାକୁ ପ୍ରଶଂସାରେ ପୋତି ପକାଉଥିଲେ । ଲତିକା ମଧ୍ୟ ଉତ୍ସାହିତ ଥିଲା । ଧୀରେ ଧୀରେ ସେ ଅନୁଭବ କରିପାରିଥିଲା ପ୍ରଶଂସାର ଅଧିକତ୍ୱକୁ, ବାରମ୍ବାର ପିଠିରେ ଥାପୁଡେଇବାର ଅଭିପ୍ରାୟକୁ, ବିନା ଦ୍ୱିଧାରେ ବିନା କାରଣରେ ହାତକୁ ବାରମ୍ବାର ଛୁଇଁବାର ଆକାଂକ୍ଷାକୁ । ଲତିକା ସେସବୁକୁ ଆଡେଇ ଯିବାକୁ ଚେଷ୍ଟା କଲା, ନୂଆ  ଚାକିରି ପାଇଁ କାହାକୁ ମନକଥା କହିପାରୁ ନ ଥିଲା । ସେଦିନ ମିଷ୍ଟର ଯାଦବ ତିନିଥର ନିଜ କ୍ୟାବିନକୁ ଡ଼କାଇଥିଲେ, ମଧ୍ୟାହ୍ନ

ଭୋଜନ ସରିଲାପରେ ପୁଣି ଡକାହେଲା ଲତିକାକୁ । ତାକୁ ପାଖ ଚୌକିରେ ବସିବାକୁ କହିଲେ, ଲତିକା ବସିପଡ଼ିଲା । ପ୍ରଶଂସା କରିବା ବାହାନାରେ ଯାଦବ ନିଜ ଚୌକିରୁ ଆସି ଲତିକା ପଛରେ ଠିଆ ହେଲେ । ପିଠି ଥାପୁଡେଇବାରେ ଲାଗିଲେ, ଲତିକାର ହାତମୁଠା ଶକ୍ତ ହୋଇଯାଉଥିଲା । ସେ ଅନୁଭବ କଲା ପିଠିରେ ହାତ ଚାଳନାର ବେଗକୁ, ସେ ଚୌକିରୁ ଉଠି ପଡୁଥିବା ବେଳେ ଯାଦବର ହାତ ଦୁଇଟି ତାକୁ ପଛପଟୁ ଜାବୁଡ଼ି ଧରିଲା । ହାତ ଦୁଇଟା ପିଠିରୁ ଆସି ଛାତିରେ ରହିଗଲା । ଲତିକାର ଆଖିରୁ ଜୁଳୁଜୁଳିଆ ପୋକ ବାହାରିଗଲା, ସେ ଶତସିଂହର ବଳ ପାଇଲା ପରି ଚିତ୍କାର କରି ଉଠିଲା ତା'ପରେ ଯାଦବ କେମିତି ତଳେ ପଡ଼ିଗଲା ତା'ର ମନେ ପଡୁନଥିଲା । ତା ଦେହରୁ ଯେମିତି ଅଗ୍ନି ଉଦ୍ଗିରଣ ହେଉଥିଲା, ସେ ଏକା ନିଶ୍ୱାସରେ ଘରେ ପହଞ୍ଚିଥିଲା ଯନ୍ତ୍ରବତ୍ । ଲତିକା ବାରମ୍ବାର ମୁହଁ ଧୋଇ ନିଜକୁ ସାମାନ୍ୟ କରିବାକୁ ଚେଷ୍ଟା କରୁଥିଲା । ଲୁହ ଆଉ ପାଣିର ମିଶ୍ରଣରେ ମୁହଁଟା ଫୁଲି

ଯାଇଥିଲା । ଏହି ସମୟରେ ତା ରୁମ୍ ମେଟ୍ ସୁଜାତା ପ୍ରବେଶ କରିଛି । ତାକୁ ଦେଖି ଲତିକାର ଲୁହ କୂଳ ଲଂଘିଗଲା । ସୁଜାତାକୁ ଧରି ଜୋରରେ କାନ୍ଦିବାକୁ ଲାଗିଲା । ସୁଜାତା ଅବାକ୍ । ଏଇ ଅଳ୍ପ ଦିନର ପରିଚୟରେ ଦୁହେଁ ଘନିଷ୍ଠ ବନ୍ଧୁ ପାଲଟି ଯାଇଥିଲେ । ସୁଜାତା ନିର୍ଭୀକ, ସ୍ପଷ୍ଟବାଦୀ, ପରୋପକାରୀ ଝିଅଟିଏ । ଲତିକାର ଅବସ୍ଥା ଦେଖି କିଛି ବୁଝିଥିଲା ସୁଜାତା । ତାକୁ ସାନ୍ତ୍ୱନା ଦେଇ ସବୁକଥା ଜାଣି ପାରିଲା । ସେ ବୁଝି ପାରିଥିଲା ଲତିକାର ମାନସିକ କଷ୍ଟକୁ । ସୁଜାତା ଚିନ୍ତାକଲା କିପରି ଲୋକଟିକୁ ପାନେ ଦେବ ବଡ ଅଫିସର ବୋଲି ନିଜକୁ କ'ଣ ଭାବୁଛି କି ! ଝିଅମାନେ କ'ଣ ତା ହାତର ଖେଳଣା ! ରାଗରେ ସୁଜାତା ଗାରୁଗାରୁ ହେଲା । ସେ ବାରମ୍ବାର ଲତିକାକୁ ପ୍ରବର୍ତ୍ତାଇଲା ଚୁପ୍ ନ ରହିବାକୁ । ଅଳ୍ପ ଦିନ ପୂର୍ବରୁ ଆରମ୍ଭ ହୋଇଥିବା ମି-ଟୁ ଅଭିଯାନ ବିଷୟରେ କହିଲା, ନିଜର ଆତ୍ମସମ୍ମାନ ପାଇଁ ଲଢ଼ିବାକୁ ହେବ । ଏକବିଂଶ ଶତାବ୍ଦୀର ନାରୀ ନିର୍ଯ୍ୟାତନା ସହିବା ଲଜ୍ଜାଜନକ । ସେ ଲତିକାକୁ ସବୁ ପ୍ରକାର ସାହାଯ୍ୟ

କରିବାକୁ ଆଶ୍ୱାସନା ଦେଇଥିଲା ।

ଲତିକା ଟିକିଏ ସାମାନ୍ୟ ହେବାପରେ ସୁଜାତା ଅଫିସ ଗଲା, ହେଲେ ଲତିକା ସେଦିନ ଆଉ ଅଫିସ ଯାଇ ନ ଥିଲା । ସୁଜାତାର କଥାରେ ଟିକିଏ ଦମ୍ଭ ଆସିଲା, ହେଲେ ମନଟା ଭଲ ଲାଗୁନ ଥାଏ । ଚିନ୍ତା କରୁଥିଲା ଲତିକା, ମି-ଠୁ ଅଭିଯାନରେ ସାମିଲ୍ ହେବ ନା ନାହିଁ ! ସେ ତ ଏତେ ପ୍ରତିଷ୍ଠିତ ନୁହେଁ ଯେ ଲୋକେ ତାକୁ ଗୁରୁତ୍ୱ ଦେବେ, କିଏ କହିବ ଗୋଟିଏ ହାତରେ ତାଳି ବାଜେ ନାହିଁ, କିଏ କହିବ ଛୋଟ ଡ୍ରେସ୍ ପିନ୍ଧିଥିବ, କାହାକୁ କେତେ କୈଫିୟତ ଦେବ ସେ । ସନ୍ଧ୍ୟାରେ ସୁଜାତା ଅଫିସରୁ ଫେରି ଦେଖିଲା, ଲତିକା ବ୍ୟାଗ ଧରି ପ୍ରସ୍ତୁତ ହୋଇଛି ଘରକୁ ଯିବାପାଇଁ, ଆଉ ଗୋଟିଏ ଅସହାୟା ନାରୀର ନିର୍ଯାତନାକୁ ଘୋଡାଇ ଦେବାର ଅଭିପ୍ରାୟ ନେଇ...

*****

ରାଉରକେଲା

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ଅପ୍ରେଲ - ୨୦୨୦ ସଂସ୍କରଣ । ଏହି ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ www.preranaodia.com/feedback ପ୍ରଦାନ କରିବାକୁ ଅନୁରୋଧ ।

Prerana e-Store

*The Ultimate Bookshop*

https://store.preranaodia.com/